## ଆଜି କ'ଣ କେଉଁଠି

ଢେଙ୍କାନାଳ

- ସାଗର ସାହିତ୍ୟ ସଂସଦ ପକ୍ଷରୁ ରଜ ମଉଜ କବିତା ଆସର। ସ୍ଥାନ: ଇନ୍ଦିପୁର ସରସ୍ୱତୀ ଶିଶୁ ମନ୍ଦିର। ସମୟ: ଅପରାହ୍ନ ୨ଟା।

## ସଂକ୍ଷେପରେ

### ସୁଧୁରୁନି ଛୁଆ ହାତୀର ସ୍ୱାସ୍ଥ୍ୟାବସ୍ଥା

**ଢେଙ୍କାନାଳ ଅଫିସ, ୧୩।୬:** ଢେଙ୍କାନାଳ ଜିଲା ହିନ୍ଦୋଳ ରେଞ୍ଜ୍ କୁନୁଆ ଶବରସାହି ଅଞ୍ଚଳରୁ ମା' ପରିତ୍ୟାଗ କରିଥିବା ହାତୀ ଛୁଆର ଚିକିତ୍ସା କପିଳାସ ଏଲିଫ୍ୟାଣ୍ଟ ରେସ୍କ୍ୟୁ ସେଣ୍ଟରରେ ଚାଲିଛି। ହେଲେ ଏହାର ସ୍ୱାସ୍ଥ୍ୟାବସ୍ଥାରେ କୌଣସି ଉନ୍ନତି ହେଉନାହିଁ, ଯାହାକୁ ନେଇ ଚିନ୍ତାରେ ପଡ଼ିଛି ବନ ବିଭାଗ। ହାତୀ ଶାବକକୁ ବଞ୍ଚାଇବାକୁ କପିଳାସ ପ୍ରାଣୀ ଉଦ୍ୟାନରେ ନିୟୋଜିତ ଚିକିତ୍ସକ, ବନ କର୍ମଚାରୀ, ମାହୁନ୍ତମାନେ ଆପ୍ରାଣ ଉଦ୍ୟମ ଜାରି ରଖିଛନ୍ତି। ସାଲାଇନ୍, ଇଞ୍ଜେକ୍ସନ ସହ ଟ୍ୟୁବ୍ ସହାୟତାରେ କ୍ଷୀର ଦିଆଯାଉଛି। ଏ ସଂକ୍ରାନ୍ତରେ ଡିଏଫ୍ଓ ଡା. ପ୍ରକାଶଚାନ୍ଦ ଗୋଗିନେନି କୁହନ୍ତି, ଛୁଆ ହାତୀକୁ ଅନ୍ୟ ହାତୀମାନଙ୍କଠାରୁ ପୃଥକ୍ ରଖାଯାଇଛି। ଏହାର ଶରୀରର କୌଣସି ଜାଗା ଫୁଲିଥିବା ସନ୍ଦେହ କରାଯାଉଛି।

### ପୂର୍ବ ଶତ୍ରୁତାରୁ ଆକ୍ରମଣ

**ହିନ୍ଦୋଳ, ୧୩।୬(ଡି.ଏନ୍.ଏ.):** ହିନ୍ଦୋଳ ଥାନା ଅନ୍ତର୍ଗତ ମୀରାବଜାରଠାରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗଣ୍ଡଗୋଳ ହୋଇଛି। ଏଥିରେ ମଧୁବନ ଗ୍ରାମର କବି ବେହେରାଙ୍କ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ଏ ନେଇ ସୋମବାର ଥାନାରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ପୋଲିସ ସୂଚନା ଅନୁଯାୟୀ, କବି ଏବଂ ତାଙ୍କ ଭାଇ ମକୁ ବେହେରା ରବିବାର ରାତି ପ୍ରାୟ ୮ଟାରେ ମୀରାବଜାରସ୍ଥିତ ଧୋବା ବେହେରାଙ୍କ ଦୋକାନକୁ ଯାଇଥିଲେ। ଧୋବାଙ୍କ ପୁଅ ଖିଲିରି ଅସଭ୍ୟ ଭାଷାରେ ମକୁଙ୍କୁ ଗାଳିଗୁଲଜ କରିଥିଲେ। କବି ପ୍ରତିବାଦ କରିବାରୁ ଧୋବା, ଖିଲିରିଙ୍କ ସମେତ ୧୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ସଂଘବଦ୍ଧ ଆକ୍ରମଣ କରିଥିଲେ। ଏଥିରେ କବିଙ୍କ ମୁଣ୍ଡ ଫାଟିଯାଇଥିଲା। ମେଡିକାଲରେ ଚିକିତ୍ସିତ ହେବା ପରେ ସେ ଥାନାରେ ଅଭିଯୋଗ କରିଛନ୍ତି।

### ଜାଗା ଚିହ୍ନଟ ହୋଇପାରୁନି

**ହିନ୍ଦୋଳ, ୧୩।୬(ଡି.ଏନ୍.ଏ.):** ହିନ୍ଦୋଳ ବ୍ଲକ ବାଲିମୀ ଥାନା ଅନ୍ତର୍ଗତ ଖଜୁରିଆକଟାର ରବିନାରାୟଣ ସାହୁଙ୍କ ବାସଗୃହ ଜାଗା ଚହ୍ନଟ ହୋଇପାରୁନାହିଁ। ଫିଁ ଦାଖଲ କରି ତହସିଲଦାରଙ୍କ ନିକଟରୁ ଆଦେଶନାମା ପାଇଥିଲେ ମଧ ତାଙ୍କୁ ନିରାଶ ହେବାକୁ ପଡିଛି। ଏ ନେଇ ସେ ସୋମବାର ଉପଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ରବିନାରାୟଣ ଅଭିଯୋଗରେ ଦର୍ଶାଇଛନ୍ତି, ଜାଗା ଚିହ୍ନଟ ପାଇଁ ଦୁଇମାସ ହେଲା ରଞ୍ଜାଗୋଳ ଆର୍ଆଇଙ୍କ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନିରାଶ ହୋଇପଡ଼ିଛନ୍ତି। ଜଣେ ରାଜନୈତିକ ବ୍ୟକ୍ତିଙ୍କ ସମ୍ପର୍କୀୟଙ୍କ ପ୍ରରୋଚନାରେ ବିଭାଗୀୟ ଅଧିକାରୀ ଜାଗା ଚିହ୍ନଟ କରୁନାହାନ୍ତି। ଆଗକୁ ବର୍ଷାଋତୁ ଆସୁଥିବା ବେଳେ ଜାଗା ମାପ ନ ହେଲେ ସେ ଘର କରିପାରିବେ ନାହିଁ। ପରିବାର ଲୋକେ ସମସ୍ୟା ଭୋଗିବେ। ତେଣୁ ତୁରନ୍ତ ଜାଗା ମାପ କରିବାକୁ ସେ ନିବେଦନ କରିଛନ୍ତି । ଉପଜିଲାପାଳ ଶିବାନନ୍ଦ ସ୍ୱାଇଁ ଅଭିଯୋଗପତ୍ରକୁ ତହସିଲଦାରଙ୍କୁ ପ୍ରଦାନ କରିବା ସହ ସମସ୍ୟାର ତୁରନ୍ତ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ରଜରେ ମୁଖରିତ ରଞ୍ଜାଗୋଳ

ସଜେଇ ହୋଇଛି ମେଳା ପଡ଼ିଆ। ଲାଗିଲାଣି ମିନାବଜାର। ପଡ଼ିଲାଣି ରାମଦୋଳି। ବ୍ୟବସାୟ ପାଇଁ ପ୍ରସ୍ତୁତ ହେଲେଣି ବ୍ୟବସାୟୀ। ଘରେ ଘରେ ବନ୍ଧୁବାନ୍ଧବଙ୍କ ଭିଡ଼। ପିଠାପଣାର ମହକ। ଦୀର୍ଘ ୨ବର୍ଷର ବିରାମ ପରେ ରଞ୍ଜାଗୋଳର ପ୍ରସିଦ୍ଧ ରଜ ମହୋତ୍ସବକୁ ନେଇ ଗାଁ ପରିବେଶରେ ସୃଷ୍ଟି ହୋଇଛି ଏଭଳି ମାହୋଲ। ଅଞ୍ଚଳବାସୀଙ୍କ ଉଦ୍ୟମରେ ଦୀର୍ଘ ୨୦୦ ବର୍ଷର ପୁରାତନ ପରମ୍ପରା ଉଜ୍ଜୀବିତ ହୋଇଥିବା ବେଳେ ପିଲାଠାରୁ ବୟସ୍କ ପର୍ଯ୍ୟନ୍ତ ସମସ୍ତଙ୍କ ମନରେ ଦେଖାଦେଇଛି ବିପୁଳ ଉଦ୍ଦୀପନା।



**ସୁଶାନ୍ତ କୁମାର ପତି**
**ସାତମାଇଲ, ୧୩।୬**

ରଜ ମହୋତ୍ସବ ପାଇଁ ରାଜ୍ୟରେ ସ୍ୱତନ୍ତ୍ର ସ୍ଥାନ ହାସଲ କରିଛି ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକର ରଞ୍ଜାଗୋଳ। ଦୀର୍ଘ ୨୦୦ ବର୍ଷ ହେଲା ଏଠାରେ କୃଷିଭିତ୍ତିକ ପର୍ବ ରଜ ପାଳିତ ହୋଇ ଆସୁଛି। କରୋନା କଟକଣା ପାଇଁ ଦୁଇବର୍ଷ ହେଲା ଫିକା ପଡ଼ିଥିଲା ରଜମଉଜ। ଚଳିତବର୍ଷ ଭୂତାଣୁ ସଂକ୍ରମଣ ନିୟନ୍ତ୍ରଣରେ ଥିବାରୁ ୪ଦିନ ବ୍ୟାପୀ ଏହି ମହୋତ୍ସବକୁ ମହାଆଡ଼ମ୍ବର ସହକାରେ ପାଳନ କରାଯାଉଛି। ଏଥିଲାଗି ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି।

ମଙ୍ଗଳବାର ପହିଲି ରଜ ଥିବାବେଳେ ସୋମବାର ଶେଷ ହୋଇଛି ସଜବାଜ। ଘରେ ଘରେ ଭଳିକିଭଳି କିସମର ପିଠା ପାଇଁ ଆରମ୍ଭ ହୋଇଛି ପ୍ରସ୍ତୁତି। ରଜପାନ ପାଇଁ ଆବଶ୍ୟକ ସାମଗ୍ରୀ କିଣା ସରିଲାଣି। ଯୁବତୀମାନେ ନୂଆ ପୋଷାକ, ପ୍ରସାଧନ ସାମଗ୍ରୀ କିଣି ମହୋତ୍ସବରେ ସାମିଲ ହେବାକୁ ଅପେକ୍ଷା କରିଛନ୍ତି। ଚଳିତବର୍ଷ ୧୪ରୁ ୧୭ ତାରିଖ ଯାଏ ମହୋତ୍ସବ ପାଳନ କରାଯାଉଥିବାରୁ ବାହାରେ ରହୁଥିବା ଲୋକମାନେ ଗାଁକୁ ଫେରିଛନ୍ତି। ପାଗ ଅନୁକୂଳ ଥିବାରୁ ମେଳାରେ ଲକ୍ଷାଧିକ ଲୋକଙ୍କ ସମାଗମ ହେବାର ସମ୍ଭାବନା ରହିଛି। ଏହାକୁ ନେଇ ବ୍ୟବସାୟୀମାନେ ଉତ୍ସାହିତ ଅଛନ୍ତି। ଯାତ୍ରାରେ ସାମିଲ ହେଉଥିବା ପର୍ଯ୍ୟଟକମାନେ ବାଙ୍କଟବିହାରୀ ମଠ, ଧୁନିଘର, ଅଷ୍ଟଶମ୍ଭୁ ମନ୍ଦିର, ମାତା ବୃନ୍ଦାବତୀ ତ୍ରିନାଥ ସ୍ୱାମୀ ମନ୍ଦିର ଏବଂ ବାମ୍ଫି ପରିଦର୍ଶନ କରିଥାଆନ୍ତି। ଏସବୁ ସ୍ଥାନରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଯାତ୍ରା ପଡ଼ିଆରେ ଆଲୋକୀକରଣ, ଥଣ୍ଡା ପାନୀୟ ଜଳ ବ୍ୟବସ୍ଥା କରାଯାଇଛି। ପରିଷ୍କାର ପରିଚ୍ଛନ୍ନତା ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଛି।

ମହୋତ୍ସବ ପ୍ରସ୍ତୁତି ସମ୍ପର୍କରେ ହିନ୍ଦୋଳ ଉପଜିଲାପାଳ ଶିବାନନ୍ଦ ସ୍ୱାଇଁ କୁହନ୍ତି, କାର୍ଯ୍ୟକ୍ରମକୁ ଶାନ୍ତିଶୃଙ୍ଖଳାର ସହ ସମାପନ କରିବାକୁ ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଇଛି। ବାଲିମୀ ଥାନାଧିକାରୀ ବ୍ରହ୍ମାନନ୍ଦ ପାତ୍ରଙ୍କ ତତ୍ତ୍ୱାବଧାନରେ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି। ସନ୍ଧ୍ୟାରେ ଅଧିକ ଭିଡ଼ ହେଉଥିବାରୁ ଟ୍ରାଫିକ୍ ନିୟନ୍ତ୍ରଣ ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି।

- ୨ବର୍ଷ ପରେ ୨୦୦ ବର୍ଷର ପରମ୍ପରା ଉଜ୍ଜୀବିତ
- ୪ଦିନିଆ ମହୋତ୍ସବକୁ ନେଇ ବିପୁଳ ଉଦ୍ଦୀପନା
- ଉଜ୍ଜ୍ୱଳ ଆଲୋକମାଳାରେ ଝଲସୁଛି ମେଳାପଡ଼ିଆ

### ମେଳାରେ ଫଳ ସମ୍ଭାର



ରଞ୍ଜାଗୋଳ ରଜ ମହୋତ୍ସବର ଅନ୍ୟତମ ଆକର୍ଷଣ ହେଉଛି ବିଭିନ୍ନ କିସମର ପାଚିଲା ଫଳର ସମ୍ଭାର। ଏଠାକୁ ଆସୁଥିବା ପର୍ଯ୍ୟଟକମାନେ ଫଳ କିଣିନେଇଥାଆନ୍ତି। ତେଣୁ ଗ୍ରାହକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ପଣସ, ଲିଚୁ, ଆମ୍ବ, ଜାମୁକୋଳି ଆଦି ଫଳର ପସରା ମେଲାଇଛନ୍ତି ବ୍ୟବସାୟୀ। ଫାଷ୍ଟଫୁଡ୍, ଲସି, ମିଠା, ଗୃହୋପକରଣ, କୃଷିଭିତ୍ତିକ ଉପକରଣ, ହସ୍ତକଳା ସାମଗ୍ରୀ ବ୍ୟବସାୟ ଲାଗି ଶତାଧିକ ଉଠାଦୋକାନୀଙ୍କ ସମାଗମ ହୋଇଛି।



**ଶାନ୍ତି ପ୍ରତିଷ୍ଠା ପାଇଁ ଆରମ୍ଭ ହୋଇଥିଲା**

“ ମଠର ପ୍ରଥମ ସ୍ୱତ୍ୱାଧିକାରୀ ସିଦ୍ଧ ପୁରୁଷ ବାବା ବାଙ୍କଟବିହାରୀ ଦିବ୍ୟଜ୍ଞାନର ପ୍ରଚାର ଏବଂ ଅଞ୍ଚଳରେ ଶାନ୍ତିପ୍ରତିଷ୍ଠା ପାଇଁ ରଜ ମହୋତ୍ସବ ଆରମ୍ଭ କରିଥିଲେ। ଏବେ ଏହାର ପରିସର ବ୍ୟାପକ ହୋଇଛି।

-ବାବା ମାଧବାନନ୍ଦ ଦାସ, ମଠାଧୀଶ



**ହସଖୁସିରେ ଘର ପୂରିଉଠୁଛି**

“ ଐତିହ୍ୟସମ୍ପନ୍ନ ରଜପର୍ବର ଖୁସିରେ ୨ବର୍ଷ ହେଲା କରୋନା ଭଙ୍ଗା ପକାଇ ଦେଇଥିଲା। ଚଳିତବର୍ଷ ଜାକ୍ଜମକରେ ମହୋତ୍ସବ ପାଳନ କରାଯାଉଥିବାରୁ ହସଖୁସିରେ ଘର ପୂରିଉଠୁଛି।

-ଅର୍ଚ୍ଚନା ଦେହୁରୀ, ଗୃହିଣୀ



**ବର୍ଷକୁ ବର୍ଷ ଜନସମାଗମ ବଢୁଛି**

“ ଶୃଙ୍ଖଳିତ ପରିଚାଳନା ଯୋଗୁ ରଜ ମହୋତ୍ସବର କଳେବର ବଢ଼ିଚାଲିଛି। ବର୍ଷକୁ ବର୍ଷ ଜନସମାଗମ ବୃଦ୍ଧି ପାଉଛି। ରାତ୍ରି ସମୟରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା କରାଗଲେ ଆହୁରି ଭଲ ହୁଅନ୍ତା।

-ପ୍ରାଣବନ୍ଧୁ ସାହୁ, ବ୍ୟବସାୟୀ



**ଭାଇଚାରାର ପ୍ରତୀକ**

“ ରଞ୍ଜାଗୋଳ ରଜ ମହୋତ୍ସବ ଭାଇଚାରାର ପ୍ରତୀକ। ଏଭଳି ଏକ ଗଣପର୍ବ ଯୁବପିଢ଼ିଙ୍କୁ ଏକାଠି କରିବାରେ ସହାୟକ ହୋଇଛି। ଦିନକୁ ଦିନ ମେଳାର ସ୍ୱରୂପ ବଦଳିବା ସହିତ ଅଧିକ ଆକର୍ଷଣୀୟ ହେଉଛି।

-ଜଗଦୀଶ ପ୍ରଧାନ, ବରିଷ୍ଠ ନାଗରିକ



**ସଫଳ କରିବାକୁ ଗ୍ରାମବାସୀ ଲାଗିପଡ଼ିଛନ୍ତି**

“ ମହୋତ୍ସବକୁ ଆହୁରି ଆକର୍ଷଣୀୟ କରିବା ପାଇଁ ଉଦ୍ୟମ ଚାଲିଛି। ପଞ୍ଚାୟତର ସମସ୍ତ ୱାର୍ଡସଭ୍ୟଙ୍କୁ ଡାକି ବୈଠକ କରାଯାଇଛି। ମେଳାକୁ ସଫଳ କରିବାକୁ ଗ୍ରାମବାସୀ ଲାଗିପଡ଼ିଛନ୍ତି।

-ରମେଶ ଚନ୍ଦ୍ର ବିଶ୍ୱାଳ, ସରପଞ୍ଚ

# ଉପଜିଲାପାଳଙ୍କୁ ଫେରାଦ ହେଲେ ଆଶାୟୀ

### ଚଞ୍ଚକତା କରି ଅଙ୍ଗନୱାଡି ସହାୟିକା ଚୟନ

**ହିନ୍ଦୋଳ, ୧୩।୬(ଡି.ଏନ୍.ଏ.)**

ହିନ୍ଦୋଳ ବ୍ଲକ ଚିତ୍ତଲପୁର ପଞ୍ଚାୟତ ପଞ୍ଚୁପଡ଼ା ୧ନଂ. ଅଙ୍ଗନୱାଡି କେନ୍ଦ୍ରରେ ହୋଇଥିବା ସହାୟିକା ନିଯୁକ୍ତିରେ ଚଞ୍ଚକତା କରାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ସୋମବାର ୩ଜଣ ଆଶାୟୀ ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ନ୍ୟାୟ ଦାବି କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଗତ ୧୦ ତାରିଖରେ ଉକ୍ତ କେନ୍ଦ୍ରର ସହାୟିକା ପଦବୀ ନିମନ୍ତେ ପ୍ରାର୍ଥିନୀ ଚୟନ କରିବାକୁ ସମନ୍ୱିତ ଶିଶୁ ବିକାଶ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ସେହିଦିନ ସମସ୍ତ ୪ ଆଶାୟୀଙ୍କ ସମେତ ୮୦ ଜଣ ମହିଳାଙ୍କୁ ନେଇ ବୈଠକ ବସିଥିଲା। ବିଭାଗ ପକ୍ଷରୁ ସିଡିପିଓ, ସୁପରଭାଇଜର ଏବଂ ଅନ୍ୟ ୨ଜଣ କର୍ମଚାରୀ ଉପସ୍ଥିତ ଥିଲେ। ତେବେ ସମ୍ପୃକ୍ତ ୪ଜଣଙ୍କ ମଧ୍ୟରୁ ଜଣକୁ ତରବରିଆ ଭାବେ ନିଯୁକ୍ତି ଦିଆଯାଇଥିଲା। ଫଳରେ ୩ ଆଶାୟୀ ପୃଥକ ଭାବେ ଉପଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ନିୟମ ଅନୁଯାୟୀ ଭୋଟିଂ ମାଧ୍ୟମରେ ସହାୟିକା ଚୟନ କରାଯିବା କଥା। ତେବେ କେବଳ ସାଦା କାଗଜରେ ଉପସ୍ଥିତ ମହିଳାଙ୍କ ଦସ୍ତଖତ ନେଇ ଏହି ଚୟନ ପ୍ରକ୍ରିୟା କରାଯାଇଛି। ଏହାର ନିରପେକ୍ଷ ତଦନ୍ତ କରିବାକୁ ସେମାନେ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ଅଭିଯୋଗକାରିଣୀ ୫-ଟି ସଚିବ, ଜିଲାପାଳ, ରାଜ୍ୟ ମହିଳା ଓ ଶିଶୁ ବିଭାଗ ନିର୍ଦ୍ଦେଶକଙ୍କୁ ଅବଗତ କରିଛନ୍ତି। ଅନ୍ୟପଟେ ଉପଜିଲାପାଳ ଶିବାନନ୍ଦ ସ୍ୱାଇଁ ଘଟଣାର ତଦନ୍ତ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।




ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିବା ଅଭିଯୋଗକାରିଣୀ।

# ଢେଙ୍କାନାଳ ପାରଦ ୪୦ ପାର୍

**ଢେଙ୍କାନାଳ ଅଫିସ,୧୩।୬**

ପ୍ରାୟ ଦୁଇ ସପ୍ତାହର ବ୍ୟବଧାନ ପରେ ଢେଙ୍କାନାଳ ଜିଲାର ପାରଦ ୪୦ ଡିଗ୍ରୀ ସେଲ୍ସିୟସ ଟପିଛି। ସୋମବାର ସହରର ତାପମାତ୍ର ୪୦.୩ ଡିଗ୍ରୀ ରେକର୍ଡ କରାଯାଇଛି। ପ୍ରବଳ ଖରା ସାଙ୍ଗକୁ ଅସହ୍ୟ ଗୁଳୁଗୁଳିରେ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହୋଇଛି। ପୂର୍ବାହ୍ନ ୯ଟା ପରେ ଘରୁ ବାହାରିବା ମୁସ୍କିଲ ହୋଇପଡୁଛି। ହଠାତ୍ ଏଭଳି ତାପମାତ୍ରା ବୃଦ୍ଧି ସହରବାସୀଙ୍କୁ ଅତିଷ୍ଠ କରି ପକାଇଥିବାବେଳେ ଅଘୋଷିତ ବିଦ୍ୟୁତ୍ କାଟ ଆଉ ଏକ ସମସ୍ୟା ହୋଇଛି। ଚାଷୀ ବିହନ ବୁଣିବାକୁ ଅପେକ୍ଷା କରିଥିବାବେଳେ ବର୍ଷାର ଦେଖାନାହିଁ। ଫଳରେ ଚାଷକାର୍ଯ୍ୟ ବାଧାପ୍ରାପ୍ତ ହେବା ନେଇ ଆଶଙ୍କା ଦେଖାଦେଇଛି।

ଏ ସଂକ୍ରାନ୍ତରେ ଜିଲା ମୁଖ୍ୟ କୃଷି ଅଧିକାରୀ ଅଂଶୁମାନ ପଟ୍ଟନାୟକ କୁହନ୍ତି, ଗତବର୍ଷ ଜୁନ୍-ଜୁଲାଇରେ ଭଲ ବର୍ଷା ହୋଇଥିଲା। ଚଳିତବର୍ଷ ଜୁନ୍ ଦ୍ୱିତୀୟ ସପ୍ତାହ ସୁଦ୍ଧା ବର୍ଷା ନାହିଁ। ହଳ, ବୁଣାକାମ ବାଧାପ୍ରାପ୍ତ ହୋଇଛି। ଠିକ୍ ଭାବେ ବର୍ଷା ନ ହେଲେ ଚାଷକାମ ପଛେଇଯିବ ବୋଲି ସେ କହିଛନ୍ତି।

# ପୁରୁଣା ଅଖରେ ଲାଗିବ ଚକ

**ଢେଙ୍କାନାଳ ଅଫିସ, ୧୩।୬**

### ଭାଙ୍ଗିବ ପ୍ରାଚୀନ ପରମ୍ପରା

ଚଳିତବର୍ଷ ଢେଙ୍କାନାଳର ଐତିହ୍ୟସମ୍ପନ୍ନ ରଥଯାତ୍ରାରେ ପରମ୍ପରା ଭାଙ୍ଗିବ। ଦେବସ୍ନାନ ପୂର୍ଣ୍ଣିମାରେ ସବୁବର୍ଷ ନୂଆ ଅଖରେ ଚକ ଡେରା କାର୍ଯ୍ୟ ସମ୍ପନ୍ନ ହେଉଥିବାବେଳେ ଚଳିତ ଥର କାଠ ଅଭାବରୁ ବ୍ୟବହାର ହେବ ପୁରୁଣା ଅଖ। ବନ ବିଭାଗ, ଜିଲା ପ୍ରଶାସନ ଏବଂ ଦେବୋତ୍ତର ବିଭାଗ ମଧ୍ୟରେ ସମନ୍ୱୟ ଅଭାବରୁ ଏଭଳି ବ୍ୟତିକ୍ରମ ହୋଇଥିବା ସାଧାରଣରେ ଆଲୋଚନା ହେଉଛି।

ଅକ୍ଷୟତୃତୀୟାରେ ରଥ ଅନୁକୂଳ ହେବା ଦିନଠାରୁ କାଠ ସଂଗ୍ରହକୁ ନେଇ ହରଡ଼ଘଣାରେ ପଡ଼ିଥିଲା ଦେବୋତ୍ତର ବିଭାଗ। ବିନା ଅନୁମତିରେ କପିଳାସ ସଂରକ୍ଷିତ ଅଭୟାରଣ୍ୟରୁ କଟାଯାଇଥିବା କାଠକୁ ବନ ବିଭାଗ ଜବତ କରିଥିଲା। ପରମ୍ପରା ଅନୁଯାୟୀ ଦେବସ୍ନାନ ପୂର୍ଣ୍ଣିମାରେ ଦୁଇ ରଥ ପାଇଁ ନିର୍ମିତ ନୂଆ ଅଖରେ ଚକ ଯୋଡ଼ାଯିବା କଥା। ହେଲେ କାଠ ଅଭାବରୁ ଅଖ ନିର୍ମାଣ ହୋଇପାରିନାହିଁ। ବନ ବିଭାଗ କାଠ ଦେବାକୁ ଅମଙ୍ଗ ହେବା ପରେ ସମସ୍ୟା ବଢ଼ିବାରେ ଲାଗିଥିଲା। ସୋମବାର ଜିଲାପାଳଙ୍କ ହସ୍ତକ୍ଷେପ ପରେ ବନ ବିଭାଗ କାଠ ଦେବାକୁ ରାଜି ହୋଇଛି। ତେବେ ସମୟ ଅଭାବରୁ ଆଉ ନୂଆ ଅଖ ତିଆରି କରିବା ସମ୍ଭବ ନୁହେଁ। ତେଣୁ ପୁରୁଣା ଅଖ ବ୍ୟବହାର କରାଯିବ ବୋଲି ଦେବୋତ୍ତର ବିଭାଗ ପକ୍ଷରୁ କୁହାଯାଇଛି। ଅପରପକ୍ଷେ ରଥକାଠ ବାବଦରେ ଦେବୋତ୍ତର ବିଭାଗ ପକ୍ଷରୁ ବନ ବିଭାଗକୁ ପ୍ରତିବର୍ଷ ୧୪ରୁ ୧୫ହଜାର ଟଙ୍କା ରୟାଲଟି ଦେବାକୁ ପଡିଥାଏ। କିନ୍ତୁ ଚଳିତବର୍ଷ ଏହାର ୫ଗୁଣା ଅର୍ଥାତ୍ ୭୫ ହଜାର ଟଙ୍କା ରୟାଲଟି ଦେବାକୁ ସ୍ଥିର ହୋଇଛି। ଏହି ଘଟଣା ମଧ ଆଲୋଚନାର ବିଷୟ ହୋଇଛି। ସୂଚନାଯୋଗ୍ୟ, ଢେଙ୍କାନାଳରେ ୨ଟି ରଥ ନିର୍ମାଣ ପରମ୍ପରା ରହିଆସିଛି। ୨୭ ଫୁଟ ଉଚ୍ଚତା ବିଶିଷ୍ଟ ବଡ଼ରଥରେ ୧୨ଟି ଚକ ଏବଂ ୨୨ ଫୁଟ ଉଚ୍ଚତା ବିଶିଷ୍ଟ ସାନରଥରେ ୮ଟି ଚକ ସଂଯୋଗ ହେବ। ତେବେ କାଠ ଯୋଗାଣରେ ବିଳମ୍ବ ଯୋଗୁ ରଥକାମ ନିର୍ଦ୍ଧାରିତ ସମୟରେ ସରିବା ନେଇ ଆଶଙ୍କା ସୃଷ୍ଟି ହୋଇଛି।

ଏ ସଂକ୍ରାନ୍ତରେ ଜିଲାପାଳ ସରୋଜ କୁମାର ସେଠୀ କୁହନ୍ତି, ରଥକାଠ ସମସ୍ୟାର ସମାଧାନ ହୋଇଛି। ଡିଏଫ୍ଓଙ୍କ ସହ ଆଲୋଚନା ପରେ କାଠ ଅଣାଯିବା ଲାଗି ପ୍ରସ୍ତୁତି ଆରମ୍ଭ ହୋଇଛି। ୧୬ କିମ୍ବା ୧୭ ତାରିଖରେ ରଥ ନିର୍ମାଣ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା ପାଇଁ ବୈଠକ ହେବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି।

# ଆଳତୁମା ଆମ୍ବତୋଟା ଉତ୍ସବମୁଖର



ଗଛରେ କୌତୁକିଆ ଚିତ୍ର ଅଙ୍କାଯିବା ସହ ଦୋଳି ବନ୍ଧାଯାଇଛି।

**କାମାକ୍ଷାନଗର, ୧୩।୬(ଡି.ଏନ୍.ଏ.)**

ପ୍ରସିଦ୍ଧ ରଜ ମହୋତ୍ସବ ପାଇଁ ଚଳଚଞ୍ଚଳ ହୋଇଉଠିଛି କାମାକ୍ଷାନଗର ବ୍ଲକ ଆଳତୁମା ଆମ୍ବତୋଟା। କରୋନା ପାଇଁ ୨ବର୍ଷ ପରେ ଏହି ଗଣପର୍ବ ଆୟୋଜିତ ହେଉଥିବାବେଳେ ଏହାକୁ ନେଇ ଯୁବପିଢ଼ିଙ୍କ ମଧ୍ୟରେ ନାହିଁ ନ ଥିବା ଉତ୍ସାହ ପରିଲକ୍ଷିତ ହୋଇଛି। ଏହି ୩ଦିନିଆ କାର୍ଯ୍ୟକ୍ରମକୁ ଶାନ୍ତିଶୃଙ୍ଖଳାର ସହ ଆୟୋଜନ କରିବାକୁ ମହୋତ୍ସବ କମିଟି ପକ୍ଷରୁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି।

ରଜ ପଡ଼ିଆକୁ ଆକର୍ଷଣୀୟ ଢଙ୍ଗରେ ସଜାଯାଇଛି। ଆମ୍ବ ଗଛଗୁଡ଼ିକରେ ଦୋଳି ବନ୍ଧା କାର୍ଯ୍ୟ ଶେଷ ହୋଇଛି। ସ୍ଥାନୀୟ ଚିତ୍ରଶିଳ୍ପୀ ପ୍ରଦୀପ ଷଣ୍ଢ ଗଛ ଗଣ୍ଡିରେ କୌତୁକିଆ ଚିତ୍ର ଆଙ୍କିଛନ୍ତି। ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ଗ୍ରାମର ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ ଉପଜିଲାପାଳ ଜ୍ୟୋତିଶଙ୍କର ସାହୁ ଏହାର ଶୁଭ ଉଦ୍‌ଘାଟନ କରିବେ। ଏହାପରେ ବରିଷ୍ଠ ବର୍ଗରେ ପିଠା, ହୁଳହୁଳି, ଶଙ୍ଖବାଦନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ପୂର୍ବରୁ ଅନୁଷ୍ଠିତ ଅଡିଶନ ରାଉଣ୍ଡରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କ ମଧ୍ୟରେ ଚୂଡ଼ାନ୍ତ ପ୍ରତିଯୋଗିତା ହେବ। ସନ୍ଧ୍ୟାରେ ଭୁବନେଶ୍ୱର ଜୟଶ୍ରୀ ଧଳ ଆଣ୍ଡ୍ ଗ୍ରୁପ୍ ପକ୍ଷରୁ ନୃତ୍ୟ ପରିବେଷଣ କରାଯିବ ବୋଲି କମିଟି ପକ୍ଷରୁ କୁହାଯାଇଛି।

# ୨୧ରେ ଜିଲା କାର୍ଯ୍ୟାଳୟରେ ବୈଠକ

### ତୃତୀୟ ଦିନରେ କ୍ଷତିଗ୍ରସ୍ତ ପ୍ରଜାଙ୍କ ଆନ୍ଦୋଳନ

**ଢେଙ୍କାନାଳ ଅଫିସ, ୧୩।୬**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ମୋଟଙ୍ଗା ଥାନା କୁରୁଣ୍ଟିସ୍ଥିତ ରିମ୍ଝିମ୍ ଇସ୍ପାତ କାରଖାନାରେ ପୁନଃନିଯୁକ୍ତି ଦାବିରେ କ୍ଷତିଗ୍ରସ୍ତ ପ୍ରଜାଙ୍କ ଆନ୍ଦୋଳନ ସୋମବାର ତୃତୀୟ ଦିବସରେ ପହଞ୍ଚିଛି। ଆସନ୍ତା ୨୧ ତାରିଖରେ ଜିଲାପାଳଙ୍କ ପ୍ରକୋଷ୍ଠରେ ସମସ୍ୟା ସମାଧାନ ନେଇ ମିଳିତ ବୈଠକ ଅନୁଷ୍ଠିତ ହେବ ବୋଲି ପ୍ରଶାସନିକ ନିଷ୍ପତ୍ତି ହୋଇଛି।

ବିଆର୍‌ଜି କମ୍ପାନୀ ପକ୍ଷରୁ ଜମିଅଧିଗ୍ରହଣ ସମୟରେ ୧୭୫ଜଣ କ୍ଷତିଗ୍ରସ୍ତ ହୋଇଥିଲେ। ସେମାନଙ୍କୁ କମ୍ପାନୀରେ ନିଯୁକ୍ତି ପ୍ରଦାନ କରାଯାଇଥିଲା। ସେମାନେ ୧୫ବର୍ଷ ଧରି କାର୍ଯ୍ୟ କରୁଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଏହାକୁ ରିମ୍ଝିମ୍ କମ୍ପାନୀ କିଣିନେଇଛି। ୨ବର୍ଷ ହେଲା ଉତ୍ପାଦନ ମଧ୍ୟ ଆରମ୍ଭ ହୋଇଛି। ତେବେ ପୁରାତନ କର୍ମଚାରୀଙ୍କୁ ବାଦ୍ ଦେଇ କାରଖାନା କର୍ତ୍ତୃପକ୍ଷ ବାହାର କର୍ମଚାରୀଙ୍କୁ ନେଇ କାମ କରୁଛନ୍ତି। ଏହାକୁ ନେଇ ଜମିହରାଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହେବାରେ ଲାଗିଥିବାବେଳେ ସେମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ବିଧାୟିକା ସୀମାରାଣୀ ନାୟକଙ୍କ ହସ୍ତକ୍ଷେପ ସତ୍ତ୍ୱେ କମ୍ପାନୀ କର୍ତ୍ତୃପକ୍ଷ ପଦକ୍ଷେପ ନେଉନାହାନ୍ତି। ସୋମବାର ଢେଙ୍କାନାଳ ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ, ଏସ୍‌ଡିପିଓ ବିକାଶ ବେଉରା, ଓଡ଼ାପଡ଼ା ଅତିରିକ୍ତ ତହସିଲଦାର ସୁମନ୍ତ ବେହେରା ପ୍ରମୁଖ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଛନ୍ତି। ଆଞ୍ଚଳିକ କ୍ଷତିଗ୍ରସ୍ତ ପ୍ରଜା ସଂଘ ସଭାପତି ଗଙ୍ଗାଧର ସାମଲ, ଉପସଭାପତି ନରେନ୍ଦ୍ର ସାହୁ, କୋଷାଧ୍ୟକ୍ଷ ଅଖିଳ ମହାପାତ୍ର, ବ୍ରାହ୍ମଣୀ ଟ୍ରକ୍ ମାଲିକ ସଂଘ ସମ୍ପାଦକ ବିଜୟ ଧଳ, କମଳାଙ୍ଗ ସରପଞ୍ଚ ଜିତେନ୍ଦ୍ର ବେହେରା, କୁସୁପଙ୍ଗା ସରପଞ୍ଚ ଅନିତା ନାୟକ, କ୍ଷତିଗ୍ରସ୍ତ ପ୍ରଜାଙ୍କ ପକ୍ଷରୁ ରାଜୀବ ଗୋପାଳ ସ୍ୱାଇଁ, ଚିତ୍ତରଞ୍ଜନ ନାଥ, ଗଗନ ବିହାରୀ ରାଉତ, ଦଣ୍ଡଧର ନାୟକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆନ୍ଦୋଳନକାରୀଙ୍କ ଦାବି ନେଇ ଆସନ୍ତା ୨୧ ତାରିଖରେ ଜିଲାପାଳଙ୍କ ପ୍ରକୋଷ୍ଠରେ ବୈଠକ ବସିବ। ହିନ୍ଦୋଳ ବିଧାୟିକା ନାୟକ, ଢେଙ୍କାନାଳ ବିଧାୟକ ସୁଧୀର କୁମାର ସାମଲ, କ୍ଷତିଗ୍ରସ୍ତ ପ୍ରଜାଙ୍କ ପକ୍ଷରୁ ରାଜୀବ ଗୋପାଳ ସ୍ୱାଇଁ ଏବଂ ଅନ୍ୟ ୪ଜଣ, କମ୍ପାନୀର ଉଚ୍ଚ ପଦସ୍ଥ ଅଧିକାରୀ, ଜିଲା ଶ୍ରମ ଅଧିକାରୀ, ଫ୍ୟାକ୍ଟ୍ରି ଆଣ୍ଡ୍ ବଏଲର୍ସ ଅଧିକାରୀ ଯୋଗଦେବେ ବୋଲି ନିଷ୍ପତ୍ତି ହୋଇଛି। ଅନ୍ୟପଟେ ସମସ୍ୟା ସମାଧାନର ରାସ୍ତା ନ ବାହାରିବା ଯାଏ ଫାଟକ ସମ୍ମୁଖରେ ଆନ୍ଦୋଳନ ଜାରି ରହିବ। କମ୍ପାନୀ କାର୍ଯ୍ୟ ବନ୍ଦ ରହିବ ବୋଲି ଆନ୍ଦୋଳନକାରୀ ଚେତାବନୀ ଦେଇଛନ୍ତି।



କମ୍ପାନୀ ଫାଟକ ସମ୍ମୁଖରେ ଆନ୍ଦୋଳନରତ କ୍ଷତିଗ୍ରସ୍ତ ପ୍ରଜା ଓ ଅନ୍ୟମାନେ।

## ସଂକ୍ଷେପରେ

### ଜଳ ସମସ୍ୟାର ସମାଧାନ ଦାବି

**ଅନୁଗୋଳ ଅଫିସ,୧୩।୬:** ଅନୁଗୋଳ ଜିଲା ବଅଁରପାଳ ବ୍ଲକ ତୁରଙ୍ଗ ଦେହୁରୀସାହିରେ ବସବାସ କରୁଥିବା ପ୍ରାୟ ୭୦ରୁ ଉର୍ଦ୍ଧ୍ୱ ପରିବାର ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ସୋମବାର ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି। ଗ୍ରାମବାସୀ ଅଭିଯୋଗ କରିଛନ୍ତି, ଗାଁରେ ବହୁ ବର୍ଷ ପୂର୍ବେ ସରକାରୀ ଯୋଜନାରେ ୨ଟି ନଳକୂପ ଖୋଳା ହୋଇଥିଲା। କିନ୍ତୁ ଏ ବର୍ଷ ଗ୍ରୀଷ୍ମ ଋତୁରେ ଜଳସ୍ତର ହ୍ରାସ ପାଇଥିବାରୁ ନଳକୂଅରୁ ପାଣି ମିଳିପାରୁନାହିଁ। ଅନ୍ୟପଟେ ପାଇପ୍ ଜଳ ଯୋଗାଣର ବ୍ୟବସ୍ଥା ହୋଇଥିଲେ ମଧ ଅନେକ ସ୍ଥାନରେ ପାଇପ୍ ବିଛାଯାଇ ନାହିଁ। କେତେଜଣ ବ୍ୟକ୍ତି ମୋଟର ପମ୍ପ ଲଗାଇ ନିଜ ନିଜ ଘରକୁ ପାଣି ଚୋରି କରୁଥିବାରୁ ଗ୍ରାମବାସୀ ପିଇବାକୁ ପାଣି ପାଉନାହାନ୍ତି। ଏଣୁ ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଗାଁ ଲୋକେ ନିବେଦନ କରିଛନ୍ତି।

### ପାର୍କିଂସ୍ଥଳରେ ବନ୍ଧାହୋଇଛି ଗଜ୍ କପଡ଼ା



**ଅନୁଗୋଳ ଅଫିସ,୧୩।୬:** ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇ ପୁଣି ଆରମ୍ଭ ହୋଇଛି ଚର୍ଚ୍ଚା। ମେଡିକାଲ ପରିସରରେ ଥିବା ପାର୍କିଂ ସ୍ଥଳରେ ରୋଗୀ ସେବା ପାଇଁ ଆସିଥିବା ଗଜ୍ କପଡ଼ା ବନ୍ଧାଯାଇଛି। ମୁଖ୍ୟ ଚିକିତ୍ସାଳୟକୁ ରୋଗୀ ନେଇ ଆସୁଥିବା ସମ୍ପର୍କୀୟମାନେ ଯେପରି ପାର୍କିଂ ଜାଗା ଜାଣିପାରିବେ ସେଥିପାଇଁ ମେଡିକାଲ ପକ୍ଷରୁ ଏଭଳି ଅଜବ ବ୍ୟବସ୍ଥା କରାଯାଇଛି। ତେବେ ସରକାରୀ ଅର୍ଥରେ କିଣାଯାଇଥିବା ଗଜ କପଡ଼ା ରୋଗୀ ସେବାରେ ଲଗା ନ ଯାଇ ଏପରି ପାର୍କିଂରେ ବନ୍ଧାକୁ ନେଇ କର୍ତ୍ତୃପକ୍ଷଙ୍କୁ ସହରବାସୀ ତୀବ୍ର ସମାଲୋଚନା କରିଛନ୍ତି। ତୁରନ୍ତ ପାର୍କିଂସ୍ଥଳରୁ ଗଜ୍ କପଡ଼ା ଖୋଲି ବ୍ୟାରିକେଟ୍ କରିବାକୁ ରୋଗୀଙ୍କ ସମ୍ପର୍କୀୟ ଓ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

### ଘର ପୋଡ଼ି ଅଭିଯୋଗରେ ଜଣେ ଗିରଫ

**ବଇଣ୍ଡା,୧୩।୬(ଡି.ଏନ.ଏ.):** ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା କେଞ୍ଚୁଆନାଳି ଗ୍ରାମର ଲାବନ୍ୟ ଭୋଇଙ୍କ ୨ ବଖରା ଘର ତାଙ୍କ ପୁଅ ତୋଫାନ ଭୋଇ ପୋଡି ଦେଇଥିବା ସୋମବାର ଥାନାରେ ଲାବନ୍ୟ ଅଭିଯୋଗ କରିଛନ୍ତି। ପୋଲିସ ଏ ସଂକ୍ରାନ୍ତରେ ନମ୍ବର ୧୪୯/୨୨ ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ଲାବନ୍ୟଙ୍କୁ ତୋଫାନ ରବିବାର ଖାଇବାକୁ ଭାତ ମାଗିଥିଲେ। ହେଲେ ସେ ଭାତ ଦେବାରେ ବିଳମ୍ବ କରିବାରୁ ଏଥିରେ ଉତ୍କ୍ଷିପ୍ତ ହୋଇ ତୋଫାନ ତାଙ୍କ ଘର ପୋଡି ଦେଇଥିବା ଲାବଣ୍ୟ ଅଭିଯୋଗପତ୍ରରେ ଦର୍ଶାଯାଇଛି।

### ସମଲ ଥାନାରେ ନୂତନ ଆଇଆଇସି

**କଣିହାଁ,୧୩।୬(ଡି.ଏନ.ଏ.):** ଅନୁଗୋଳ ଜିଲା କଣିହାଁ ବ୍ଲକ ସମଲ ଥାନାରେ ନୂତନ ଆଇଆଇସି ଭାବେ ସୋମବାର ଯାଜ୍ଞସେନୀ ପ୍ରଧାନ ଯୋଗଦେଇଛନ୍ତି। ଏଠାରେ ଥିବା ଆଇଆଇସି ଲବ ବୋଡ଼ାଙ୍କ କିଶୋରନଗର ଥାନାକୁ ବଦଳି ହୋଇଛି। ଥାନା ଅଞ୍ଚଳରେ ଶାନ୍ତିଶୃଙ୍ଖଳା ପ୍ରତି ଗୁରୁତ୍ୱ ଦିଆଯିବ ବୋଲି ଯୋଗଦେବା ଅବସରରେ ନୂଆ ଆଇଆଇସି ଯାଜ୍ଞସେନୀ କହିଛନ୍ତି। ପ୍ରକାଶଥାଉ କି, ଯାଜ୍ଞସେନୀ ଏହାପୂର୍ବରୁ ତାଳଚେର ଉପଖଣ୍ଡ ଥାନା ଓ ବିକ୍ରମପୁର ଥାନାରେ ଆଇଆଇସି ଭାବେ କାର୍ଯ୍ୟ ନିର୍ବାହ କରିସାରିଛନ୍ତି।

# ପହିଲି ରଜରେ ଜମୁଛି ମଉଜ

- ଅନୁଗୋଳ ଜିଲା ଉତ୍ସବମୁଖର
- ଗ୍ରାମାଞ୍ଚଳରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା
- ପାର୍କରେ ଦୋଳିର ମଜା ନେବେ ସହରବାସୀ

**ଅନୁଗୋଳ ଅଫିସ, ୧୩।୬**

ପ୍ରତୀକ୍ଷାର ଘଟିଛି ପରିସମାପ୍ତି। ସଜବାଜ ପରେ ଆରମ୍ଭ ହୋଇଛି ରଜ ମଉଜ। ବିଭିନ୍ନ ସ୍ଥାନରେ ଲାଗିଛି ଭଳି କି ଭଳି ଦୋଳି। ଖୋଲିଛି ରଙ୍ଗବେରଙ୍ଗ ପାନର ପସରା। ଘରେ ଘରେ ପୋଡ଼ପିଠା ପ୍ରସ୍ତୁତ ହୋଇଥିବାବେଳେ ଅନେକ ଅଞ୍ଚଳରେ ବାଦଦଣ୍ଡ, ବାଦୀପାଲା, ବାଗୁଡ଼ି ଖେଳ, ତାସ ଆଦି ପ୍ରତିଯୋଗିତାର ଆୟୋଜନ କରାଯାଇଛି। ଏହାକୁ ନେଇ ଅନୁଗୋଳ ଜିଲା ଉତ୍ସବମୁଖର ହୋଇଉଠିଛି। ୩ ଦିନ ଧରି ଏହି ପର୍ବ ପାଳନ ହେବାକୁ ଥିବାରୁ ପରିବାରରେ ବନ୍ଧୁବାନ୍ଧବ ପହଞ୍ଚିସାରିଛନ୍ତି। ଗତ ୨ ବର୍ଷ ହେଲା କରୋନା କାରଣରୁ ରଜ ଫିକା ପଡ଼ିଥିଲା। ହେଲେ ଚଳିତବର୍ଷ କଟକଣା ନ ଥିବାରୁ ଧୁମ୍‌ଧାମରେ ଏହି ପର୍ବ ପାଳନ ଆରମ୍ଭ ହୋଇଛି। ଅନୁଗୋଳ ସହରର ଇକୋ ପାର୍କରେ ଦୋଳି ଲାଗିଥିବାରୁ ଏଠାରେ ସହରବାସୀ ରଜର ମଜା ଉଠାଇବେ ବୋଲି କହିଛନ୍ତି।

ସୋମବାର ସଜବାଜ ଥିବାରୁ ଅନୁଗୋଳ ବଜାରରେ ଭିଡ଼ ପରିଲକ୍ଷିତ ହୋଇଥିଲା। ନୂଆ ପୋଷାକ, ଯୋତା କିଣିବାକୁ ପ୍ରବଳ ଗହଳି ଦେଖିବାକୁ ମିଳିଥିଲା। ମଙ୍ଗଳବାର ପ୍ରଥମ ରଜ ପାଇଁ ସହରର ବିଭିନ୍ନ ସ୍ଥାନରେ ନାନା କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏଥିରେ ପିଠାପଣାରୁ ଠାରୁ ଆରମ୍ଭ କରି ଦୋଳି ଓ ସାଂସ୍କୃତିକ କାର୍ଯ୍ୟକ୍ରମମାନ ରହିଛି। ସେହିପରି ୩ ଦିନ ସରକାରୀ ଛୁଟି ଥିବାରୁ ଘରେ ରଜ ପାଳନ ପାଇଁ ସରକାରୀ କର୍ମଚାରୀଙ୍କ ମଧ୍ୟରେ ତତ୍ପରତା ପ୍ରକାଶ ପାଇଛି। ଏହି କାରଣରୁ ସୋମବାର ଅପରାହ୍ଣରୁ ସରକାରୀ କାର୍ଯ୍ୟାଳୟ ଶୂନଶାନ୍ ହୋଇପଡ଼ିଥିଲା। ଶନିବାର ଓ ରବିବାର ଛୁଟି ପଡୁଥିବାରୁ କିଛି କର୍ମଚାରୀ ଆଗୁଆ ଛୁଟି ନେଇଯାଇଥିଲେ। ଅନ୍ୟପକ୍ଷରେ ରଜ ପାଳନ ପାଇଁ ଇକୋ ପାର୍କରେ ସ୍ୱତନ୍ତ୍ର ଦୋଳି ସାଙ୍ଗକୁ ରଜ ପାନର ବ୍ୟବସ୍ଥା କରାଯାଇଛି। ଏଥିସହ ଚଟ୍‌ପଟା ଖାଦ୍ୟର ପସରା ଖୋଲିଥିବା ଜଣାପଡ଼ିଛି। ପାର୍କକୁ ରଙ୍ଗବେରଙ୍ଗର ଆଲୋକମାଳାରେ ସଜ୍ଜିତ କରାଯାଇଛି। ସହରବାସୀ ଯେପରି ରଜର ପ୍ରକୃତ ମଜା ଏଠାରେ ପାଇପାରିବେ ସେ ନେଇ ଆକର୍ଷଣୀୟ ବ୍ୟବସ୍ଥା କରାଯାଇଛି। ବିଶେଷକରି କୁମାରୀ ଓ ଯୁବତୀମାନଙ୍କୁ ରଜଭେଟି ଦେବାକୁ ପାର୍କ ପରିଚାଳନାରେ ଥିବା ଘରୋଇ ସଂସ୍ଥା ପକ୍ଷରୁ ସମସ୍ତ ଆୟୋଜନ କରାଯାଇଛି। ଏଥିସହ ସହର ଉପକଣ୍ଠ ଚନ୍ଦ୍ରବାହାଳ ଗ୍ରାମରେ ୨ ଦିନିଆ ରଜ ମହୋତ୍ସବ ପାଳନ ହେବ ବୋଲି ସୂଚନା ମିଳିଛି।



ଇକୋ ପାର୍କରେ ଜଣେ ଯୁବତୀ ଦୋଳି ଖେଳୁଛନ୍ତି।

#### ମାମୁ ଘରକୁ ବୁଲି ଯିବି



"ରଜ ପରେ ସ୍କୁଲ ଖୋଲିବ। ତେଣୁ ଛୁଟିରେ ରଜର ଭରପୂର ମଜା ଉଠାଇବି। ସାଙ୍ଗମାନଙ୍କ ସହ ରଜ ବୁଲା ପାଇଁ ନୂଆ ଡ୍ରେସ୍ କିଣା ସରିଛି। ଘରେ ପିଠା ଓ ଦୋଳି ଲାଗିଛି। ସ୍ପେଶାଲ ରଜ ପାନ ଖାଇବା ସହ ମାମୁ ଘରକୁ ବୁଲିବାକୁ ଯିବି ବୋଲି ସ୍ଥିର କରିଛି।

**-ଅଭୀପ୍ସା ସାହୁ, ଅନୁଗୋଳ**

#### କଟକଣା ନ ଥିବାରୁ ବୁଲାବୁଲି କରିବି



"କରୋନା ପାଇଁ ୨ ବର୍ଷ ଧରି ରଜ ପର୍ବ ପାଳନ ହୋଇପାରି ନ ଥିଲା। ଚଳିତବର୍ଷ ଉକ୍ତ କଟକଣା ନାହିଁ। ତେଣୁ ଭୟ ନ କରି ସାଙ୍ଗମାନଙ୍କ ସହ ଏକାଠି ହୋଇ ବୁଲାବୁଲି କରିବି। ଦୋଳି ଖେଳର ଅଧିକ ମଜା ନେବି।

-ଅନ୍ୱେଷିତା ସାହୁ, ଅନୁଗୋଳ

#### ଦୋଳି ଖେଳ ଜମିବ



"ଝିଅମାନଙ୍କ ପର୍ବ ହେଉଛି ରଜ। ଏହି ୩ ଦିନ କିଛି କାମ କରାଯିବ ନାହିଁ। କେବଳ ମଉଜରେ ସମୟ ଯିବ। ସ୍କୁଲ ଛୁଟି ସାଙ୍ଗକୁ କରୋନା କଟକଣା ମଧ ନାହିଁ। ସାଙ୍ଗମାନଙ୍କ ସହ ମିଶି ସାହି ବୁଲିବା ସହ ଦୋଳି ଖେଳିବି। ସୁଆଦିଆ ପିଠା ମଧ ଖାଇବି।

-ଦିବ୍ୟା ଆନିଷ୍କା, ଅନୁଗୋଳ

#### ସାଙ୍ଗମାନଙ୍କ ସହ ପିଠା ଖାଇବି



"୨ ବର୍ଷ ହେଲା ସବୁ ପର୍ବପର୍ବାଣି ଫିକା ଲାଗୁଥିଲା। ତେଣୁ ଚଳିତବର୍ଷ ରଜର ମଜା ଉଠାଇବି। ସାଙ୍ଗମାନଙ୍କ ସହ ସମୟ ବିତାଇବି। ନୂଆ ଡ୍ରେସ ପିନ୍ଧି ସଜବାଜ ହୋଇ ଦୋଳି ଖେଳିବି। ଘରେ ବିଭିନ୍ନ ପ୍ରକାର ପିଠା ପ୍ରସ୍ତୁତ ହୋଇଥିବାରୁ ସାଙ୍ଗମାନଙ୍କ ସହ ମିଶି ଖାଇବି।

-ଶ୍ରୁତି ସାମନ୍ତ, ଅନୁଗୋଳ

# ପବିତ୍ର ମୋହନଙ୍କ ଜୀବନୀ ଉପରେ ଆଲୋକପାତ



ପବିତ୍ର ମୋହନଙ୍କ ପ୍ରତିମୂର୍ତ୍ତି ନିକଟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

**ତାଳଚେର,୧୩।୬(ନି.ପ୍ର.)**

ତାଳଚେର ଗଡ଼ଜାତର ଆଜନ୍ମ ବିପ୍ଳବୀ ପୂର୍ବତନ ମୁଖ୍ୟମନ୍ତ୍ରୀ ପବିତ୍ର ପ୍ରଧାନଙ୍କ ୩୫ତମ ଶ୍ରାଦ୍ଧ ବାର୍ଷିକୀ ସୋମବାର ପାଳିତ ହୋଇଯାଇଛି। ପ୍ରଥମେ ପବିତ୍ରମୋହନ ଛକଠାରେ ଥିବା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ପୌର ପରିଷଦ ନଗରପାଳ ପବିତ୍ର ଭୂତିଆ ଯୋଗଦେଇ ଜୀବନୀ ଓ ଆଦର୍ଶ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଢେଙ୍କାନାଳ ଏମ୍‌ପିଙ୍କ ପ୍ରତିନିଧି ସୁନୀଲ ପ୍ରଧାନ, ଶିକ୍ଷାବିତ ଡ. ମହେଶ୍ୱର ପ୍ରଧାନ, ପ୍ରଜାମଣ୍ଡଳ ସ୍ମୃତି କମିଟି ଆବାହକ ତପନ ମହାରଣା, ଅଧକ୍ଷ ଜିତେନ୍ଦ୍ର ମହାପାତ୍ର, ଭାଗୀରଥି ମହାପାତ୍ର, ନଗର ସଭାପତି ଆସିଫ ଖାନ, ୯ନଂ. ୱାର୍ଡ ସଭ୍ୟା ମମତା ରାଉତ, ଲଳିତ ବଲ୍ଲଭ ରାଉତ, ବାବୁନି ସ୍ୱାଇଁ, ବାବୁ ମହାନ୍ତି ପ୍ରମୁଖ ଯୋଗଦେଇ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେହିପରି ପ୍ରଜାମଣ୍ଡଳ ଭବନ ପରିସରରେ ଥିବା ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ସ୍ମୃତି କମିଟି ପକ୍ଷରୁ ବରିଷ୍ଠ ନେତା ଜ୍ୟୋତିରଞ୍ଜନ ଦାସ, ଶୀତିକାନ୍ତ ବାରିକ, ଦାଶରଥି ସାହୁ ପ୍ରମୁଖ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

# କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ପାଇଁ ଦାବିପତ୍ର

**ବଇଣ୍ଡା,୧୩।୬(ଡି.ଏନ.ଏ.)**

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡାଠାରେ ଏକ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ପାଇଁ ବହୁବାର ଦାବି କରାଯାଇଥିଲେ ମଧ ପଦକ୍ଷେପ ନିଆଯାଉ ନାହିଁ। ଏ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସୋମବାର ସେମାନେ ପୁନର୍ବାର ଏକ ଦାବିପତ୍ର ଡାକ ଯୋଗେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରିଛନ୍ତି।

ଦାବିପତ୍ରରେ ଗ୍ରାମବାସୀ ଉଲ୍ଲେଖ କରିଛନ୍ତି, ଆଠମଲ୍ଲିକ ଉପଖଣ୍ଡର ଏକ ପ୍ରମୁଖ ସ୍ଥାନ ହେଉଛି ବଇଣ୍ଡା। ୫୫ ନମ୍ବର ଜାତୀୟ ରାଜପଥ ସହ ତାଳଚେର-ସମ୍ବଲପୁର ରେଳପଥ ବଇଣ୍ଡା ଦେଇ ଯାଇଥିବାରୁ ଏହା ଏକ ବ୍ୟବସାୟିକ କେନ୍ଦ୍ରସ୍ଥଳୀରେ ପରିଣତ ହୋଇଛି। ବିଶେଷକରି ରେଳଷ୍ଟେଶନ, ପୋଷ୍ଟ ଅଫିସ, ବିଡି ଶ୍ରମିକଙ୍କ ପାଇଁ ମେଡିକାଲ ଆଦି ଅନେକ ସରକାରୀ କାର୍ଯ୍ୟାଳୟ ରହିଛି। ଏହି କାରଣରୁ ବଇଣ୍ଡାଠାରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ପାଇଁ ଦାବିହୋଇ ଆସୁଛି। କିନ୍ତୁ ଏ ଦିଗରେ ପଦକ୍ଷେପ ନିଆଯାଉ ନ ଥିବାରୁ ଅନେକ ମେଧାବୀ ଛାତ୍ରୀଛାତ୍ରଙ୍କୁ ପଢ଼ିବା ପାଇଁ ଜିଲା ତଥା ଜିଲା ବାହାରକୁ ଯିବାକୁ ପଡୁଛି। ତୁରନ୍ତ ଏଥିପ୍ରତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଦୃଷ୍ଟି ଦେଇ ବଇଣ୍ଡାଠାରେ ଏକ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ପାଇଁ ନୁନୁକାପଶି ସରପଞ୍ଚ ଦୀପ୍ତିମୟୀ ସାହୁ, ସମିତିସଭ୍ୟା ମାନସୀ ପ୍ରଧାନ, ଗ୍ରାମ ସମ୍ପାଦକ ଜିତେନ୍ଦ୍ର ବେହେରା, ଭଗବାନ ଘିଓାଲା, ରମେଶ ବେହେରା, ରମାକାନ୍ତ ବେହେରା, ସୁନୀଲ ପ୍ରଧାନ, ପରୀକ୍ଷିତ ସାହୁ, ପବନା ବେହେରାଙ୍କ ସମେତ ଗ୍ରାମବାସୀ ଦାବି କରିଛନ୍ତି।

# ଶ୍ରାଦ୍ଧବାର୍ଷିକୀରେ 'ପବିତ୍ର ଗ୍ରନ୍ଥାବଳୀ' ଲୋକାର୍ପିତ

**କଣିହାଁ,୧୩।୬(ଡି.ଏନ.ଏ.)**

ସଂଗ୍ରାମୀ, କବି ତଥା ପୂର୍ବତନ ଉପମୁଖ୍ୟମନ୍ତ୍ରୀ ପବିତ୍ର ମୋହନ ପ୍ରଧାନଙ୍କ ୩୫ତମ ଶ୍ରାଦ୍ଧ ବାର୍ଷିକ ଅବସରରେ ତାଙ୍କ ଦ୍ୱାରା ପୂର୍ବରୁ ରଚିତ କାବ୍ୟ 'ପବିତ୍ର ଗ୍ରନ୍ଥାବଳୀ' ଦ୍ୱିତୀୟ ସଂସ୍କରଣର ଗଣଲୋକାର୍ପଣ ଉତ୍ସବ ସୋମବାର ପବିତ୍ର ମୋହନ ସରକାରୀ ଉଚ୍ଚ ବିଦ୍ୟାଳୟ କଣିହାଁଠାରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିସରରେ ଥିବା ପବିତ୍ର ମୋହନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ 'ପବିତ୍ର ଗ୍ରନ୍ଥାବଳୀ'ର ଗଣଉନ୍ମୋଚନ ହୋଇଥିଲା। ପବିତ୍ର ମୋହନ ସ୍ମୃତିସଂସଦ ସଭାପତି ରଙ୍ଗାଧର ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପ୍ରକାଶକ ସନ୍ତୋଷ ବାରିକ ଯୋଗଦେଇ କହିଲେ ଯେ, ତାଳଚେରବାସୀ ପବିତ୍ର ବାବୁଙ୍କୁ କେତେ ଭଲ ପାଆନ୍ତି ତାହାର ନମୁନା ଏକ ହଜାର ପୁସ୍ତକ ବିକ୍ରିରୁ ପ୍ରମାଣିତ ହେଉଛି। ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦର ପୂର୍ବତନ ସଭାପତି ଡ. ଧରଣୀଧର ନାଥ ଗ୍ରନ୍ଥାବଳୀର ବ୍ରାହ୍ମଣୀ କାବ୍ୟରେ କବି କିପରି ବ୍ରାହ୍ମଣୀ ନଦୀକୁ ଏକ ମଣିଷ ବୋଲି ବିବେଚନା କରିଛନ୍ତି ତାହା ଉପରେ ଆଲୋକପାତ କରିଥିଲେ। ପୂର୍ବତନ ଏମ୍‌ପି ରବି ପାଣି ପବିତ୍ର ମୋହନଙ୍କ ଜୀବନ ଦର୍ଶନ ସମ୍ପର୍କରେ ବର୍ଣ୍ଣନା କରିଥିଲେ। କଣିହାଁ ବ୍ଲକ ଅଧକ୍ଷ ରାମକୃଷ୍ଣ ପ୍ରଧାନ, ଧନେଶ୍ୱର ସାହୁ, ଡ. ମହେଶ୍ୱର ପ୍ରଧାନ, ସଦାନନ୍ଦ ପ୍ରଧାନ, ସୌଭାଗ୍ୟ ଚନ୍ଦ୍ର ପ୍ରଧାନ, ଦାଶରଥି ଜେନା, ସମ୍ପାଦକ ନିରଞ୍ଜନ ପ୍ରଧାନ ପ୍ରମୁଖ ପବିତ୍ର ମୋହନଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିଥିଲେ। ଗାଳ୍ପିକ ସିଦ୍ଧି ପ୍ରସାଦ ସାହୁଙ୍କ ସଂଯୋଜନାରେ ସଭାକାର୍ଯ୍ୟ ପରିଚାଳିତ ହୋଇଥିଲା। ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ଦୁଃଖବନ୍ଧୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ଦିଲୀପ କୁମାର ପ୍ରଧାନ, ବିନାୟକ ପ୍ରଧାନ, ଅମିତା ଦେହୁରୀ, ଯସ୍ମୀନ ପ୍ରଧାନ, ରୋହିତ ପ୍ରଧାନ, ସୂର୍ଯ୍ୟକାନ୍ତ ପ୍ରଧାନ, କୁଳମଣି ସାମଲ, କାଳନ୍ଦୀ ପ୍ରଧାନ, ଗୁରୁଚରଣ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।



ଗ୍ରନ୍ଥାବଳୀ ଉନ୍ମୋଚନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

# ଦୁର୍ଘଟଣାରେ ଉଦୀୟମାନ କ୍ରିକେଟରଙ୍କ ମୃତ୍ୟୁ

**ଅନୁଗୋଳ ଅଫିସ,୧୩।୬**

ଅନୁଗୋଳ ଥାନା ଛକ ନିକଟରେ ସୋମବାର ଅପରାହ୍ଣରେ ଏକ ଟ୍ରକ୍ ଧକ୍କାରେ ଉଦୀୟମାନ କ୍ରିକେଟର ତଥା ସ୍କୁଲ ଛାତ୍ର ଆୟୁଷ କୁମାର ଯାଦବ (୧୩)ଙ୍କ ମୃତ୍ୟୁ ଘଟିଛି। ଦୁର୍ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଥିଲା। ଉତ୍ତ୍ୟକ୍ତ ଲୋକେ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ଭଙ୍ଗାରୁଜା କରିଥିଲେ।

ସୂଚନା ଅନୁଯାୟୀ, ଆୟୁଷ ତାଙ୍କ ସାନ ଭାଇ ସହ ଦୁଇଟି ସାଇକେଲରେ କଦମ ପଡ଼ିଆକୁ କ୍ରିକେଟ ଖେଳିବାକୁ ବାହାରିଥିଲେ। ଅପରାହ୍ଣ ପ୍ରାୟ ୪ଟା ବେଳେ ମିଶ୍ରପଡ଼ାରୁ ଆସି ଥାନା ଛକ ଟ୍ରାଫିକରେ ଠିଆ ହୋଇଥିଲେ। ଏହି ସମୟରେ ପଛରୁ ଆସୁଥିବା ଉକ୍ତ ଟ୍ରକ୍ ଆୟୁଷଙ୍କୁ ଘୋଷାରି ନେଇଥିଲା। ମୁଣ୍ଡ ରାସ୍ତାରେ ପିଟି ହୋଇଯିବାରୁ ଘଟଣାସ୍ଥଳରେ ଆୟୁଷଙ୍କ ମୃତ୍ୟୁ ଘଟିଥିଲା। ଆୟୁଷଙ୍କ ବାପା ନିଲେଶ ଯାଦବ ଏକ ଘରୋଇ କମ୍ପାନୀରେ କାମ କରନ୍ତି। ଆୟୁଷ ଜଣେ ଭଲ କ୍ରିକେଟ ଖେଳାଳି ହୋଇଥିବାବେଳେ କ୍ରିକେଟରେ ତାଙ୍କର ଭବିଷ୍ୟତ ଥିଲା ବୋଲି ସାଥୀ ଖେଳାଳି ଓ କୋଚ କହିଛନ୍ତି। ଦୁର୍ଘଟଣା ଖବରପାଇ ଅନୁଗୋଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିବା ସହିତ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନା ପଠାଇଥିଲା।




ଦୁର୍ଘଟଣା ଘଟାଇଥିବା ଟ୍ରକ୍।

# ପୋଚ ନଷ୍ଟ କଲା ଅବକାରୀ ବିଭାଗ

**ଛେଣ୍ଡିପଦା,୧୩।୬, (ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ନୂଆଗାଁ ଓ ପାତ୍ରପଡା ଅଞ୍ଚଳରେ ଅନୁଗୋଳ ଅବକାରୀ ବିଭାଗ ଚଢ଼ାଉ କରି ବ୍ୟାପକ ମହୁଲ ପୋଚ ନଷ୍ଟ କରିଥିବା ଜଣାପଡିଛି। ଛେଣ୍ଡିପଦା ବ୍ଲକର ନୂଆଗାଁ ଏବଂ ପାତ୍ରପଡ଼ା ଗ୍ରାମରେ ବେଆଇନ ଭାବେ ରନ୍ଧା ମହୁଲି ମଦ ବିକ୍ରି ହେଉଥିବା ଖବର ପାଇ ସୋମବାର ଅବକାରୀ ବିଭାଗ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ଅବକାରୀ ବିଭାଗକୁ ଦେଖି ମଦ ମାଫିଆମାନେ ଫେରାର ହୋଇଯାଇଥିବା ବେଳେ ଦେଶୀ ମହୁଲି ମଦ ତିଆରି ପାଇଁ ରଖା ଯାଇଥିବା ୨୨ଶହ କେ.ଜି. ମହୁଲ ପୋଚ ସହିତ ମଦ ପ୍ରସ୍ତୁତିରେ ବ୍ୟବହୃତ ସାମଗ୍ରୀକୁ ନଷ୍ଟ କରାଯାଇଛି। ଏହି ଘଟଣାରେ କାହାରିକୁ ଗିରଫ କରାଯାଇ ନାହିଁ। ଏ ନେଇ ତଦନ୍ତ ଚାଲିଥିବା ଅବକାରୀ ନିରୀକ୍ଷକ ଦିଲୀପ କୁମାର ବେହେରା ପ୍ରକାଶ କରିଛନ୍ତି।



ଅବକାରୀ ବିଭାଗ ଚଢ଼ାଉ କରୁଛି।

# ରଥଯାତ୍ରା ସମ୍ପର୍କରେ ସମୀକ୍ଷା

**ବଇଣ୍ଡା,୧୩।୬(ଡି.ଏନ.ଏ.)**

ଆଠମଲ୍ଲିକରେ ପ୍ରତିବର୍ଷ ରଥଯାତ୍ରା ପାଳନ କରାଯାଉଥିବାବେଳେ କରୋନା ପାଇଁ ଗତ ୨ ବର୍ଷ ହେଲା ଏହା ନିଡାମ୍ବରରେ ପାଳନ ହୋଇଥିଲା। ତେବେ ଚଳିତବର୍ଷ କିଭଳି ରଥଯାତ୍ରାକୁ ଧୁମ୍‌ଧାମରେ ପାଳନ କରାଯିବ ସେ ନେଇ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚାଲିଛି। ସୋମବାର ରଥଯାତ୍ରାର ସୁପରିଚାଳନା ନିମନ୍ତେ ଆଠମଲ୍ଲିକ ଏନ୍‌ଏସି ଅଧକ୍ଷା ଆଶା କୁମାରୀ ସାହୁ ସ୍ଥିତି ଅନୁଧ୍ୟାନ କରିଛନ୍ତି। ରଥ ନିର୍ମାଣ କାର୍ଯ୍ୟ ତଦାରଖ କରିବା ସହ ବଡ଼ଦାଣ୍ଡରେ ବଢି ଯାଇଥିବା ଗଛ କାଟିବା, ବିଦ୍ୟୁତ୍ ତାରକୁ ଉଚ୍ଚକୁ ଉଠାଇବା, ରାସ୍ତାର ସୁରକ୍ଷା, ସ୍ୱାସ୍ଥ୍ୟ, ପିଇବା ପାଣି ଯୋଗାଣ ଓ ସ୍ୱଚ୍ଛତା ଆଦିକୁ କିପରି ଭାବେ ସମସ୍ତଙ୍କ ସହଯୋଗରେ କରାଯାଇପାରିବ ତାହା ଅନୁଧ୍ୟାନ କରିଥିଲେ। ଶାନ୍ତିଶୃଙ୍ଖଳାର ସହ କିଭଳି ଯାତ୍ରା ପାଳନ ହେବ ସେ ନେଇ ଦେବୋତ୍ତର ବିଭାଗ ସହ ଆଲୋଚନା କରିଥିଲେ। ଏହି ଅନୁଧ୍ୟାନ ସମୟରେ ଜନସ୍ୱାସ୍ଥ୍ୟ ବିଭାଗର ଯନ୍ତ୍ରୀ ଦେବୀପ୍ରସାଦ ମିଶ୍ର, ସାରଥୀ ଭବାନୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଏନ୍‌ଏସି ଅଧକ୍ଷା ରଥ ନିର୍ମାଣ ତଦାରଖ କରୁଛନ୍ତି।

# ଶିଳ୍ପାଞ୍ଚଳ ଶ୍ରମିକ ସଂଘର ଗଣଧାରଣା

**ତାଳଚେର,୧୩।୬(ନି.ପ୍ର.)**

୫ ଦଫା ଦାବି ନେଇ ସୋମବାର ତାଳଚେର ଶିଳ୍ପାଞ୍ଚଳ ଶ୍ରମିକ ସଂଘ ତରଫରୁ ସଭାପତି ମନୋଜ କୁମାର ପ୍ରଧାନଙ୍କ ନେତୃତ୍ୱରେ ସ୍ଥାନୀୟ ଭରତପୁର ମହାପ୍ରବନ୍ଧକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ସହ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ତାଳଚେର ବ୍ଲକର ବିଭିନ୍ନ ପଞ୍ଚାୟତ ଭରତପୁର ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହୋଇଛି। କିନ୍ତୁ ଭରତପୁର କ୍ଷେତ୍ରରେ ନିୟୋଜିତ ବିଭିନ୍ନ ବେସରକାରୀ କମ୍ପାନୀ ସରକାରଙ୍କ ଶ୍ରମ ଆଇନକୁ ମାନୁନାହାନ୍ତି। ସର୍ବନିମ୍ନ ବେତନ ନ ଦେବା ସହ ସିଏମ୍‌ପିଏଫ୍ ମଧ କାଟୁ ନାହାନ୍ତି। ସେହିପରି କମ୍ପାନୀ କର୍ତ୍ତୃପକ୍ଷ ସ୍ଥାନୀୟ ଯୁବତୀ ଯୁବକଙ୍କ ବଦଳରେ ବାହାରୁ ଶ୍ରମିକ ଆଣି ନିଯୁକ୍ତି ଦେଉଛନ୍ତି। ଏଠାରେ ନିୟୋଜିତ ସମସ୍ତ କମ୍ପାନୀ ଏମ୍‌ସିଏଲ୍ ଅଧୀନରେ ରହିଥିବା ସତ୍ତ୍ୱେ ସମ୍ପୃକ୍ତ ଖଣି କର୍ତ୍ତୃପକ୍ଷ ଏ ସମ୍ବନ୍ଧରେ କୌଣସି ପ୍ରକାରର ତଦନ୍ତ କରୁନାହାନ୍ତି। ତେଣୁ ଭରତପୁରରେ ନିୟୋଜିତ ସମସ୍ତ ଘରୋଇ କମ୍ପାନୀରେ ୯୦ ଭାଗ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି, କ୍ଷତିଗ୍ରସ୍ତଙ୍କ ନିଯୁକ୍ତି ଦେବା କ୍ଷେତ୍ରରେ ସ୍ୱତନ୍ତ୍ର ନିୟମ ପ୍ରସ୍ତୁତ କରାଯିବା, କାର୍ଯ୍ୟରତ ଠିକା ଶ୍ରମିକମାନଙ୍କୁ ଧାର୍ଯ୍ୟ ସର୍ବନିମ୍ନ ଦରମା ପ୍ରଦାନ, ଠିକା ଶ୍ରମିକମାନଙ୍କ ସିଏମ୍‌ପିଏଫ୍ ବାଧତାମୂଳକ, ଠିକା ଶ୍ରମିକଙ୍କୁ କମ୍ପାନୀ ତରଫରୁ ମେଡିକାଲ ବହି ପ୍ରଦାନ ପାଇଁ ଦାବି କରାଯାଇଛି। ଏହି ଗଣଧାରଣାରେ ସଭାପତି ପ୍ରଧାନଙ୍କ ସମେତ ଶତାଧିକ ସ୍ଥାନୀୟ ଯୁବକ ସାମିଲ ହୋଇଥିଲେ।




ଶ୍ରମିକ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ନାବାଳକ ମୃତ

**ଧାମନଗର, ୧୩।୬ (ସ୍ୱ.ପ୍ର.):** ଭଦ୍ରକ ଜିଲା ଧାମନଗର ବ୍ଲକ ଧୂଷୁରୀ ଥାନା ଅଧୀନ ରଇପୁର ଗ୍ରାମର ନିରାକାର ନାଥଙ୍କ ପୁଅ ଜୀବନ (୧୧) ସୋମବାର ପୋଖରୀରେ ବୁଡ଼ି ଯିବାରୁ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ସେ ପୂର୍ବାହ୍ନରେ ଗ୍ରାମ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ଉକ୍ତ ପୋଖରୀ ହୁଡ଼ାରେ ଜୀବନ ପିନ୍ଧିଥିବା ପ୍ୟାଣ୍ଟ ଶାର୍ଟ ପଡ଼ିଥିବା ଦେଖିବାକୁ ପାଇଥିଲେ। ଉକ୍ତ ପୋଖରୀରେ ଖୋଜି ତାଙ୍କୁ ପାଇବା ପରେ ତୁରନ୍ତ ଧୂଷୁରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଧୂଷୁରୀ ପୋଲିସ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା(ନଂ.୧୪/୨୨) ରୁଜୁ କରିଛି।

### ବିଶ୍ୱ ଶିଶୁ ଶ୍ରମିକ ବିରୋଧ ଦିବସ

**ପାଟଣା,୧୩।୬(ସ୍ୱ. ପ୍ର.):** କେନ୍ଦୁଝର ଜିଲା ପାଟଣାବ୍ଲକ ଟାଙ୍ଗରପଡା ହାଟ ପଡିଆରେ ଆସ୍ୱାୟାର ସ୍ୱେଚ୍ଛାସେବୀ ସଙ୍ଗଠନ ତରଫରୁ ବିଶ୍ୱ ଶିଶୁ ଶ୍ରମିକ ଦିବସ ପାଳିତ ହୋଇଛି। ଆୟୋଜିତ କାର୍ଯ୍ୟକ୍ରମ ଟାଙ୍ଗରପଡା ପଞ୍ଚାୟତ ଆସ୍ୱାୟାର ସଂଯୋଜକ ରାଜ କୁମାର ପଲେଇଙ୍କ ସଂଯୋଜନାରେ ମୁଖ୍ୟଅତିଥି ଭାବେ ଟାଙ୍ଗରପଡା ସରପଞ୍ଚ ଅନିରୁଦ୍ଧ ନାଏକ, ମୁଖ୍ୟବକ୍ତା ଭାବେ ଯୁବ ଖବରଦାତା ବିଜୟ କୁମାର କାରୁଆ ଯୋଗ ଦେଇ ଆଜିର ଶିଶୁ କାଲି ରାଷ୍ଟ୍ରର ଭବିଷ୍ୟତ ତେଣୁ ସେମାନଙ୍କ ଭବିଷ୍ୟତ ପ୍ରତି ଅଣଦେଖା କରି ଶ୍ରମିକ ଭାବେ ନିୟୋଜିତ କରିବା ଏକ ହୀନ ମାନସିକତା ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ଟାଙ୍ଗରପଡା ପଞ୍ଚାୟତ ସମିତି ସଭ୍ୟ ଭାଗବତ ନାଏକ, ମୃଷାପଡା ୱାର୍ଡ ମେମ୍ବର ଗେହ୍ଲୀ ମହାନ୍ତ, ୱାର୍ଡ ମେମ୍ବର ଯୁଗଳକିଶୋର ଦେହୁରୀ ପ୍ରମୁଖ ଉପସ୍ଥିତ ରହିଥିଲେ।

### ୫୩ ଅଭିଯୋଗର ହେଲା ଶୁଣାଣି

**ଚମ୍ପୁଆ, ୧୩।୬(ଡି.ଏନ.ଏ.):** କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ ସଭାଗୃହଠାରେ ସୋମବାର ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଜନଶୁଣାଣିରେ ୫୩ ଅଭିଯୋଗର ଶୁଣାଣି ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଏଡିଏମ୍ ସୁଷମା ବିଲୁଙ୍ଗ, ପିଡି ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ଅତିରିକ୍ତ ଏସ୍‌ପି ସୁଦାମ ଚରଣ ସାହୁ, ଉପଜିଲାପାଳ ପ୍ରତାପ ପ୍ରତିମୟ, ବିଡିଓ ଜ୍ୟୋତ୍ସ୍ନା ନାଏକ, ତହସିଲଦାର ସାଇ ସସ୍ମିତା ହୋତା ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ। ଏଥିରେ ଚମ୍ପୁଆ ବ୍ଲକର ୨୨ ପଞ୍ଚାୟତ ଓ ଗୋଟିଏ ଏନ୍‌ଏସିର ୫୩ ଅଭିଯୋଗ ହୋଇଥିଲା। ଭତ୍ତା, ଆବାସ, କେନ୍ଦ୍ରୀୟ ବିଦ୍ୟାଳୟ, ରାଶନକାର୍ଡ ଆଦି ଉପରେ ଅଭିଯୋଗ ଆସିଥିଲା। ଏହି କାର୍ଯ୍ୟକ୍ରମରେ ଏଡିଏମ୍‌ଙ୍କ ଉପସ୍ଥିତିରେ ଉପଜିଲାପାଳ ପୂର୍ବରୁ ଚୟନ କରାଯାଇଥିବା ଭିନ୍ନକ୍ଷମଙ୍କୁ ୩ ଚକିଆ ସାଇକେଲ ପ୍ରଦାନ କରିଥିଲେ।

### ୬ ବଖରା ଜଳିଗଲା

**ଧାମନଗର,୧୩।୬ (ଡି.ଏନ.ଏ):** ଭଦ୍ରକ ଜିଲା ଧାମନଗର ବ୍ଲକ ଦଇପୁର ଗ୍ରାମରେ ରବିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୩ ପରିବାରର ୬ବଖରା ଘର ଜଳିଯାଇଛି। ଗ୍ରାମର ଉମାଶଙ୍କର ପଣ୍ଡା, ସରସ୍ୱତୀ ପଣ୍ଡା ଓ ମମତା ପଣ୍ଡାଙ୍କ ଦୁଇ ବଖରା ଲେଖାଏ ପୋଡ଼ିଯାଇଛି। ଧାମନଗର ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବିଦ୍ୟୁତ୍ ଶର୍ଟ ସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି। ଅଗ୍ନିବିପନ୍ନ ପରିବାରକୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି।

### ୩ କୋଇଲା ବୋଝେଇ ଟ୍ରକ୍ ଜବତ, ୨ ଗିରଫ

**ଭଣ୍ଡାରିପୋଖରୀ,୧୩।୬(ସ୍ୱ.ପ୍ର.):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ୧୬ନଂ. ଜାତୀୟ ରାଜପଥର ବିଭିନ୍ନ ସ୍ଥାନରୁ ସୋମବାର ୩ଟି ବେଆଇନ କୋଇଲା ବୋଝେଇ ଟ୍ରକ୍ ପୋଲିସ ଜବତ କରିଛି। ଏଥିସହ ଦୁଇ ଡ୍ରାଇଭରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ନିରଞ୍ଜନ ସାହୁ ଓ ସୁନା ବେହେରା। ଥାନାଧିକାରୀ ଅମିତାଭ ଦାସଙ୍କ ନେତୃତ୍ୱରେ ପାଟ୍ରୋଲିଂ ଚାଲିଥିବା ବେଳେ ଏହି ଗାଡ଼ିଗୁଡ଼ିକ ଜବତ କରାଯାଇଛି। ଗାଡ଼ିଗୁଡ଼ିକ ତାଳଚେରରୁ ପଶ୍ଚିମବଙ୍ଗ ଯାଉଥିଲା ବୋଲି ଜଣାପଡ଼ିଛି। ଜବତ କୋଇଲାର ଆନୁମାନିକ ମୂଲ୍ୟ ୧୨ ଲକ୍ଷ ଟଙ୍କା ହେବ।

# ସମୃଦ୍ଧ ହେବ ଡୋକ୍ରା ହସ୍ତଶିଳ୍ପ

- ନବଜୀବନପୁର-ସଦେଇବେରେଣୀ ହେବ ହସ୍ତକଳାର ହବ୍
- କଳାକୃତି ଗ୍ରାମ କାର୍ଯ୍ୟକ୍ଷମ ହେବା ପରେ କାରିଗର ଉତ୍ସାହିତ
- ପର୍ଯ୍ୟଟନ ଅନୁକୂଳ ବାତାବରଣ ସୃଷ୍ଟି ହେଲେ ବଢ଼ିବ ବ୍ୟବସାୟ



କଳାକୃତି ଗ୍ରାମ ନବଜୀବନପୁର- ସଦେଇବେରେଣୀ।


କାରିଗରଙ୍କ ଦ୍ୱାରା ପ୍ରସ୍ତୁତ ଡୋକ୍ରା ହସ୍ତଶିଳ୍ପ ସାମଗ୍ରୀ।

**ଢେଙ୍କାନାଳ ଅଫିସ, ୧୩।୬**

ଢେଙ୍କାନାଳ ହେବ ଡୋକ୍ରା ହସ୍ତକଳାର ହବ୍। ଏଠାରୁ ପ୍ରସ୍ତୁତ ସାମଗ୍ରୀ ଦେଶବିଦେଶରେ ପହଞ୍ଚିବ। ଏହାକୁ ଜୀବିକା ଭାବେ ଗ୍ରହଣ କରିଥିବା ଶିଳ୍ପୀଙ୍କ ଆର୍ଥିକ ଅବସ୍ଥା ବଦଳିବ। ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳ ସପ୍ତଶଯ୍ୟା ପଞ୍ଚାୟତର ନବଜୀବନପୁର-ସଦେଇବେରେଣୀରେ କଳାକୃତି ଗ୍ରାମ କାର୍ଯ୍ୟକ୍ଷମ ହେବା ପରେ ଏହାକୁ ନେଇ ଉତ୍ସାହିତ ହୋଇଉଠିଛନ୍ତି କାରିଗର। ଅଞ୍ଚଳରେ ପର୍ଯ୍ୟଟନ ଅନୁକୂଳ ବାତାବରଣ ସୃଷ୍ଟି ହେଲେ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇବ ଏବଂ ବ୍ୟବସାୟ ମଧ୍ୟ ବଢ଼ିବ ବୋଲି ସେମାନେ ଆଶାବ୍ୟକ୍ତ କରିଛନ୍ତି।

ଢେଙ୍କାନାଳ ଜିଲା ଡୋକ୍ରା ହସ୍ତଶିଳ୍ପ କାରିଗରଙ୍କ ପ୍ରତୀକ୍ଷାର ଅନ୍ତଘଟିଛି। ଉଦ୍‌ଘାଟନ ହେବାର ଦୀର୍ଘ ୩ବର୍ଷ ପରେ କାର୍ଯ୍ୟକ୍ଷମ ହୋଇଛି କଳାକୃତି ଗ୍ରାମ। ଡୋକ୍ରା କଳାକୃତି ସମେତ ଜିଲାର ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି), ମିଶନ ଶକ୍ତି ପକ୍ଷରୁ ପ୍ରସ୍ତୁତ ସାମଗ୍ରୀ ପ୍ରଦର୍ଶନ, ବିକ୍ରୟ ଲାଗି ଏଠାରେ କରାଯାଇଛି ବ୍ୟବସ୍ଥା। ମୋଟ ୨୭ ପ୍ରକୋଷ୍ଠ ମଧ୍ୟରୁ ପ୍ରାଥମିକ ପର୍ଯ୍ୟାୟରେ ୧୩ଟି ଏସ୍‌ଏଚ୍‌ଜିକୁ ବଣ୍ଟନ କରାଯାଇଛି। ପରବର୍ତ୍ତୀ ସମୟରେ ଅନ୍ୟ ପ୍ରକୋଷ୍ଠଗୁଡ଼ିକ ବିତରଣ କରାଯିବ। ସେହିପରି ହସ୍ତଶିଳ୍ପ କାରିଗରମାନେ ଯେଉଁଭଳି ସୁବିଧାରେ କଳାକୃତି ପ୍ରସ୍ତୁତ କରିପାରିବେ, ସେଥିଲାଗି ଏକ ବଡ଼ ହଲ୍ କରାଯାଇଛି। ବିଭିନ୍ନ ସମୟରେ ଗଠନମୂଳକ ଆଲୋଚନା, ତାଲିମ, ଭାବ ବିନିମୟ ପାଇଁ ସ୍ୱତନ୍ତ୍ର ପ୍ରକୋଷ୍ଠ ନିର୍ମାଣ ହୋଇଛି। ପାନୀୟ ଜଳ, ଆଲୋକୀକରଣ ସୁବନ୍ଦୋବସ୍ତ କରାଯାଇଛି। କଳାକୃତି ଗ୍ରାମର ସୌନ୍ଦର୍ଯ୍ୟ ବଢ଼ାଇବାକୁ ଏକ ଖୋଲା ଆକ୍ୱାରିୟମ ତିଆରି ହୋଇଛି। ଏଠାରେ ହଂସ, ବତକ ଜଳକ୍ରୀଡ଼ା କରିବେ। ରଙ୍ଗିନ ମାଛ ଛଡ଼ାଯିବା ଯୋଜନା ରହିଛି। ଜିଲା ସମେତ ଜିଲା ବାହାର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାକୁ ଆନୁଷଙ୍ଗିକ ବ୍ୟବସ୍ଥା ହେବ। କପିଳାସ, ସପ୍ତଶଯ୍ୟା, ଯୋରନ୍ଦାରୁ ଆସୁଥିବା ପର୍ଯ୍ୟଟକଙ୍କୁ ନେବା ଆଣିବା ଲାଗି ବନ ବିଭାଗ ପକ୍ଷରୁ ଏକ ଗାଡ଼ିର ବ୍ୟବସ୍ଥା କରାଯିବ ବୋଲି ପ୍ରସ୍ତାବ ରହିଛି। କଳାକୃତି ଗ୍ରାମ ପରିସରରେ ଥିବା ଖୋଲା ଜାଗାରେ ୱାଟର ପାର୍କ ଏବଂ ସୁଇମିଂପୁଲ ତିଆରି କରାଯିବାକୁ ଯୋଜନା ରହିଥିବା ଜିଲାପାଳ ସରୋଜ କୁମାର ସେଠୀ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ୨୦୧୫-୧୬ରେ ତତ୍କାଳୀନ ଜିଲାପାଳ ରୂପାରୋଶନ ସାହୁ ସପ୍ତଶଯ୍ୟାକୁ ଟୁରିଷ୍ଟ ହବ୍‌ରେ ପରିଣତ କରିବାକୁ ଯୋଜନା କରିଥିଲେ। ଏଥିଲାଗି ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତାବ ଦିଆଯିବା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ୮ କୋଟି ଟଙ୍କା ପ୍ରଦାନ କରାଯାଇଥିଲା। ଉକ୍ତ ଅନୁଦାନ ଅର୍ଥରୁ ୫ କୋଟି ୧୨ଲକ୍ଷ ୮୪୦ଟଙ୍କା ବ୍ୟୟରେ କଳାକୃତି ଗ୍ରାମ ନିର୍ମାଣ କରାଯାଇଛି। ୨୦୧୯ ଫେବୃୟାରୀ ୨୪ରେ ଏହାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ତେବେ ଦୀର୍ଘ ୩ବର୍ଷ ହେଲା ଏହା କାର୍ଯ୍ୟକ୍ଷମ ହୋଇ ନ ପାରି ପରିତ୍ୟକ୍ତ ଅବସ୍ଥାରେ ଥିଲା। ଏହାର ପରିସର ବଣବୁଦାରେ ପରିଣତ ହୋଇ ସରୀସୃପଙ୍କ ଆବାସସ୍ଥଳୀ ପାଲଟିଥିଲା। ଏ ନେଇ ବାରମ୍ବାର ଗଣମାଧ୍ୟମରେ ଖବର ପ୍ରକାଶିତ ହେବା ପରେ କଳାକୃତି ଗ୍ରାମକୁ କାର୍ଯ୍ୟକ୍ଷମ କରିବା ଲାଗି ଜିଲା ପ୍ରଶାସନ ତତ୍ପରତା ଦେଖାଇଥିଲା। ଜିଲାପାଳ ସରୋଜ କୁମାର ସେଠୀ ଜିଲାର ଜନପ୍ରତିନିଧିଙ୍କ ସହିତ ଆଲୋଚନା କରିଥିଲେ। କଳାକୃତି ଗ୍ରାମରେ ପ୍ରଥମ ସପ୍ତଶଯ୍ୟା ହସ୍ତଶିଳ୍ପ ଏବଂ ସାଂସ୍କୃତିକ ମହୋତ୍ସବ ଆୟୋଜନ କରି ଏହାକୁ କାର୍ଯ୍ୟକ୍ଷମ କରାଯିବାକୁ ଲକ୍ଷ୍ୟ ରଖାଯାଇଥିଲା। ତଦନୁଯାୟୀ ଗତ ୧୦ ତାରିଖରେ ଏହି କାର୍ଯ୍ୟ ସମ୍ପନ୍ନ ହୋଇଛି।

ପୂର୍ବରୁ ଡୋକ୍ରା କାରିଗରି ସାମଗ୍ରୀ ବିକ୍ରି କରିବା ଲାଗି ଶିଳ୍ପୀମାନେ ନାହିଁ ନ ଥିବା ହଇରାଣର ସମ୍ମୁଖୀନ ହେଉଥିଲା। ଆବଶ୍ୟକ ବଜାର ନ ଥିବାରୁ ମେଳା, ମହୋତ୍ସବ, ପ୍ରଦର୍ଶନୀ ହିଁ ସେମାନଙ୍କ ବ୍ୟବସାୟର ଠିକଣା ପାଲଟିଥିଲା। ଏବେ କଳାକୃତି ଗ୍ରାମରେ ସାମଗ୍ରୀ ତିଆରିଠାରୁ ଆରମ୍ଭ କରି ପ୍ରଦର୍ଶନୀ, ବିକ୍ରି ସବୁକିଛି ଉପଲବ୍ଧ ହେବ। ଶିଳ୍ପୀଙ୍କୁ ହାତପାଆନ୍ତାରେ ବଜାର ସୁବିଧା ମିଳିଥିବାରୁ ଏହାକୁ ନେଇ ସେମାନଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି।

### ଯୋଗ୍ୟ ପ୍ରାର୍ଥୀଙ୍କୁ ନିଯୁକ୍ତି ଦାବି

**ଆଠମଲ୍ଲିକ,୧୩।୬(ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ ପୁରୁଣାମାଣତ୍ରୀ ପଞ୍ଚାୟତ ଓଡ଼ସିଙ୍ଗା ଗ୍ରାମର ଅଙ୍ଗନୱାଡି ସେଣ୍ଟର ନଂ. ୨ରେ ସହାୟିକା ପଦବୀରେ ଯୋଗ୍ୟ ପ୍ରାର୍ଥୀଙ୍କୁ ନିଯୁକ୍ତି ଦେବାକୁ ଗ୍ରାମବାସୀ ଓ ମହିଳା ସଂଘ ପକ୍ଷରୁ ସୋମବାର ଉପଜିଲାପାଳଙ୍କଠାରେ ଦାବି କରାଯାଇଛି। ଗ୍ରାମବାସୀ ଦର୍ଶାଇଛନ୍ତି, ଓଡସିଙ୍ଗା ଗ୍ରାମର ଅଙ୍ଗନୱାଡି ସେଣ୍ଟର ନଂ. ୨ରେ ଖାଲିଥିବା ସହାୟିକା ପଦବୀ ପାଇଁ ବହୁ ମହିଳା ଆବେଦନ କରିଥିଲେ। ଅସହାୟ ବିଧବା ମହିଳାଙ୍କୁ ପ୍ରାଥମିକତା ଭିତ୍ତିରେ ନିଯୁକ୍ତି ଦେବାକୁ ନିର୍ଦ୍ଦେଶ ଥିବା ସତ୍ତ୍ୱେ ଆବେଦନ କରିଥିବା ଜଣେକା ଅସହାୟ, ବିଧବା ମହିଳାଙ୍କୁ ନିଯୁକ୍ତି ଦିଆଯାଇ ନାହିଁ। ଏହାର ଉପଯୁକ୍ତ ତଦନ୍ତ କରାଯାଇ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ସିଡିପିଓ ତରଙ୍ଗିଣୀ ମିର୍ଦ୍ଧା ଓ ଉପଜିଲାପାଳ ଲଳିତମୋହନ ବେହେରାଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ମତାମତ ମିଳିପାରି ନାହିଁ।

### ମହିଳାଙ୍କୁ ମାଡ଼ ଅଭିଯୋଗ

**ବଇଣ୍ଡା,୧୩।୬(ଡି.ଏନ.ଏ.)**

କିଶୋରନଗର ବ୍ଲକ ହଣ୍ଡପା ଥାନା ବଡହୁଲା ଗ୍ରାମର ସୁମିତ୍ରା ବେହେରାଙ୍କୁ ସେହି ଗ୍ରାମର ନେଙ୍ଗୁରୀ ନାୟକ ଓ ଭାସ୍କର ବେହେରା ମାଡ଼ ମାରିଥିବା ବଇଣ୍ଡା ଫାଣ୍ଡିରେ ସୋମବାର ଅଭିଯୋଗ ହୋଇଛି। ପୋଲିସ ନମ୍ବର ୧୪୬/୨୨ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, ସୁମିତ୍ରା ଘରେ ଥିବାବେଳେ କୌଣସି କାରଣ ନ ଥାଇ ଉଭୟେ ମାଡ଼ ମାରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

## ୫୫ନଂ. ଏନ୍‌ଏଚ୍ କାର୍ଯ୍ୟ ସମୀକ୍ଷା

### ଅଗ୍ରଗତିରେ ମନ୍ଥରତା, ପ୍ରତିନିଧିଙ୍କ ଉଦ୍‌ବେଗ

**ଢେଙ୍କାନାଳ ଅଫିସ,୧୩।୬**


ପ୍ରତିନିଧିମଣ୍ଡଳୀ ଏନ୍‌ଏଚ୍ ସମ୍ପ୍ରସାରଣ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରୁଛନ୍ତି।

ପୂର୍ବ ନିଷ୍ପତ୍ତି ଅନୁଯାୟୀ ଢେଙ୍କାନାଳ ଜିଲା ଦେଇ ଯାଇଥିବା ୫୫ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟର ସମୀକ୍ଷା କରାଯାଇଛି। ଜିଲା ପ୍ରଶାସନର ପତ୍ର ଅନୁଯାୟୀ ଗଠିତ ପ୍ରତିନିଧି ଦଳ ଢେଙ୍କାନାଳ କଲେଜ ବାଇପାସ୍‌ଠାରୁ କଟକ ଜିଲାର ଚୌଦ୍ୱାର ପର୍ଯ୍ୟନ୍ତ ବୁଲି ସଡ଼କ ତଦାରଖ ଦେଖିଥିଲେ। ଜିଲାପାଳଙ୍କ ଉପସ୍ଥିତିରେ ହୋଇଥିବା ବୈଠକରେ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ) କାର୍ଯ୍ୟ ଅଗ୍ରଗତି ନେଇ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏହାକୁ ପୂରଣ କରାଯାଇନାହିଁ। ବିଭିନ୍ନ ସ୍ଥାନରେ ସମ୍ପ୍ରସାରଣ ଅଗ୍ରଗତିରେ ମନ୍ଥରତା ଦେଖାଦେଇଛି। ଏହାକୁ ନେଇ ପ୍ରତିନିଧି ମଣ୍ଡଳୀ ଉଦ୍‌ବେଗ ବ୍ୟକ୍ତ କରିଛନ୍ତି।

ଜିଲା ଓକିଲ ସଂଘ ସଭାପତି ସଞ୍ଜୟ ମିଶ୍ରଙ୍କ ନେତୃତ୍ୱରେ ସମ୍ପାଦକ ଟଙ୍କଧର ବେହେରା, ଆଇନଜୀବୀ ଗୋପାଳଚନ୍ଦ୍ର ପାତ୍ର, ଶିଳ୍ପ ଓ ବାଣିଜ୍ୟ ପ୍ରତିଷ୍ଠାନ ସଭାପତି ରାଜେନ୍ଦ୍ର ଦାସ, କାର୍ଯ୍ୟକାରୀ ସଭାପତି ବିନୋଦ ଅଗ୍ରୱାଲ, ଉପସଭାପତି ରାଜକିଶୋର ବେହେରା, ଜିଲା ସାମ୍ବାଦିକ ସଂଘ ସଭାପତି ପ୍ରସନ୍ନ କୁମାର ପଟ୍ଟନାୟକ, ସମ୍ପାଦକ ସତ୍ୟସ୍ୱରୂପ ଦାସ, ଏନ୍‌ଏଚ୍‌ଏଆଇ ଅଧିକାରୀ, ଠିକାସଂସ୍ଥା ଅଧିକାରୀ, ଜମି ଅଧିଗ୍ରହଣ ଅଧିକାରୀ ତଥା ଡେପୁଟି କଲେକ୍ଟର ସ୍ମୃତିରଞ୍ଜନ ମହାପାତ୍ରଙ୍କୁ ନେଇ ଗଠିତ ଉକ୍ତ ପ୍ରତିନିଧି ଦଳ ରାଜପଥ କାର୍ଯ୍ୟ ପରିଦର୍ଶନ କରିଥିଲେ। ସମୀକ୍ଷା ବେଳେ ପ୍ରାୟ ୧୦ଟି ସ୍ଥାନରେ କାର୍ଯ୍ୟ ହୋଇ ନ ଥିବା ଦେଖିବାକୁ ମିଳିଛି। ରବିବାର ଅପରାହ୍ନରେ ଜିଲା ଓକିଲ ସଂଘ କାର୍ଯ୍ୟାଳୟରେ ସଂଘ ସଭାପତିଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଆଇନଜୀବୀ ସଂଘ, ଶିଳ୍ପ ବାଣିଜ୍ୟ ପ୍ରତିଷ୍ଠାନ ଓ ଜିଲା ସାମ୍ବାଦିକ ସଂଘ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ ସୋମବାର ସମ୍ପୃକ୍ତ ୩ ସଂଘର କର୍ମକର୍ତ୍ତାମାନେ ଜିଲାପାଳ ସରୋଜ କୁମାର ସେଠୀଙ୍କୁ ଭେଟି ରିପୋର୍ଟ ପ୍ରଦାନ କରିଛନ୍ତି।

ପ୍ରତିଶ୍ରୁତି ମୁତାବକ ସମ୍ପ୍ରସାରଣ କାମ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ ହୋଇ ନ ଥିବାରୁ ଜିଲାପାଳ ଦୁଃଖ ପ୍ରକାଶ କରିଛନ୍ତି। ଜୁଲାଇ ଶେଷ ସୁଦ୍ଧା ୫୫ନଂ. ଜାତୀୟ ରାଜପଥର ଗୋଟିଏ ପାର୍ଶ୍ୱ ନିର୍ମାଣ କାମ ଶେଷ ହେବ ବୋଲି ଠିକା ସଂସ୍ଥା ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି। ଆସନ୍ତା ୧୯ ତାରିଖରେ ପ୍ରତିନିଧି ଦଳ ପୁନର୍ବାର କ୍ଷେତ୍ର ପରିଦର୍ଶନ କରି ସମୀକ୍ଷା କରିବେ। ଜିଲାପାଳଙ୍କ ଉପସ୍ଥିତିରେ ବୈଠକ ବସି ଭବିଷ୍ୟତ କାର୍ଯ୍ୟପନ୍ଥା ସ୍ଥିର ହେବ ବୋଲି ସୂଚନା ଦିଆଯାଇଛି।

## ସ୍ନାନ ପୂର୍ଣ୍ଣିମା ପାଇଁ ପ୍ରସ୍ତୁତି ଶେଷ

**ଅନୁଗୋଳ ଅଫିସ,୧୩।୬**



ଅନୁଗୋଳ ଶୈଳଶ୍ରୀକ୍ଷେତ୍ରରେ ମଙ୍ଗଳବାର ସ୍ନାନ ପୂର୍ଣ୍ଣିମା ଅବସରରେ ଶ୍ରୀଜୀଉମାନଙ୍କ ହାତୀବେଶ ଅନୁଷ୍ଠିତ ହେବ। ଏ ନେଇ ଅନୁଗୋଳ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ପକ୍ଷରୁ ପ୍ରସ୍ତୁତି ପର୍ବ ଶେଷ ହୋଇଛି। ମନ୍ଦିର ନିକଟରେ ଥିବା ଆଖଣ୍ଡଳମଣି ମହାରୁଦ୍ର ମନ୍ଦିର କୂପରୁ ୧୦୮ କଳସରେ ସ୍ନାନ ପାଇଁ ଜଳ ଆଣି ମନ୍ଦିର ପରିସର ମଧ୍ୟରେ ଗଚ୍ଛିତ କରାଯାଇଛି ବୋଲି ପରିଚାଳନା କମିଟି ସମ୍ପାଦକ ହେମନ୍ତ ଦାସ ସୂଚନା ଦେଇଛନ୍ତି। ଭୋର ୩ଟା ୩୦ଟାରୁ ପହୁଡ ଫିଟାଠାରୁ ଆରମ୍ଭ କରି ଅନ୍ୟାନ୍ୟ ରୀତିନୀତି କରାଯିବ। ଏହାପରେ ଧାଡି ପହଣ୍ଡିରେ ସକାଳ ୭ଟା ୩୦ରୁ ୮ଟା୩୦ ମଧ୍ୟରେ ଠାକୁରଙ୍କୁ ସ୍ନାନ ମଣ୍ଡପକୁ ନିଆଯିବ। ସେଠାରେ ସେନାପଟାଲାଗି ସହ ଅନ୍ୟାନ୍ୟ ନୀତି ସମ୍ପନ୍ନ ହେବ। ୯ଟା ୩୦ ମଧ୍ୟରେ ସ୍ନାନ କାର୍ଯ୍ୟ ଓ ଛେରା ପହଁରା କରାଯିବ। ଶ୍ରୀଜୀଉମାନଙ୍କ ଗଜାନନ ବେଶ ସହ ମଧ୍ୟାହ୍ନ ୧୨ଟାରେ ସକାଳ ନୀତି ଓ ମଧ୍ୟାନ ନୀତି କରାଯିବ। ଅପରାହ୍ନ ୫ଟା ୩୦ରେ ପହଡ ଖୋଲାଯିବା ପରେ ୬ଟା ୩୦ରୁ ମାହାରି ନୃତ୍ୟ ପରିବେଷଣ କରାଯିବ। ଏହାପରେ ରାତି ୮ଟାରେ ଗଜାନନ ବେଶ ଓଲାଗି କରାଯିବା ପରେ ଗୋଟି ପହଣ୍ଡିରେ ଶ୍ରୀଜୀଉମାନଙ୍କୁ ଅଣସର ଘରକୁ ନିଆଯିବ ବୋଲି ପରିଚାଳନା କମିଟି ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## ୭୩ ଅଭିଯୋଗର ସମାଧାନ

### ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିର


ଜଣେ ହିତାଧିକାରୀଙ୍କୁ ହୁଇଲ୍ ଚେୟାର ପ୍ରଦାନ କରାଯାଉଛି।

**ଢେଙ୍କାନାଳ ଅଫିସ୍, ୧୩।୬**

ଢେଙ୍କାନାଳ ସଦର ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସୋମବାର ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସରୋଜ କୁମାର ସେଠୀ ଜନସାଧାରଣଙ୍କ ଆପତ୍ତି ଅଭିଯୋଗଗୁଡ଼ିକର ଶୁଣାଣି କରିଥିଲେ। ଗ୍ରହଣ କରାଯାଇଥିବା ୧୦୧ଟି ଅଭିଯୋଗ ମଧ୍ୟରୁ ୭୩ଟିର ସମାଧାନ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ସହାୟତା ପାଇଁ ୪, ରେଡ୍‌କ୍ରସ୍ ପାଣ୍ଠିରୁ ସହାୟତା ପାଇଁ ୯ଟି ଦରଖାସ୍ତ ଗ୍ରହଣ କରାଯାଇଥିଲା। ସଦର ବ୍ଲକ ଗେଙ୍ଗୁଟିଆ ଗ୍ରାମର କୁମୁଦ ମଲ୍ଲିକ, ଦୁଦୁକାଟେଣି ଗ୍ରାମର ନବକିଶୋର ପାତ୍ରଙ୍କୁ ୨ଟି ହୁଇଲ୍ ଚେୟାର ପ୍ରଦାନ କରାଯାଇଥିଲା। ଏସ୍‌ପି ଲୋଗାନୟାଗୀ ଦିବ୍ୟା ଭି., ପିଡି ଡିଆର୍‌ଡିଏ ସାଫଲ୍ୟ ମଣ୍ଡିତ ପ୍ରଧାନ, ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ, ସିଡିଏମ୍‌ଓ ଡା. ଅଶୋକ ଦାସ, ବ୍ଲକ ଅଧ୍ୟକ୍ଷା ରାଜଶ୍ରୀ ନାୟକ, ବିଡିଓ ସୁଧୀର ନାୟକ, ପିଜି ସେଲ୍ ସହକାରୀ ଜିଲାପାଳ ସୌମ୍ୟା ଶତଭୀଷା, ଆପାତକାଳୀନ ଅଧିକାରୀ ସ୍ନିଗ୍ଧାଛାୟା ମହାପାତ୍ର, ତହସିଲଦାର ଅନୁପମା ମୁର୍ମୁ, ପିଜି ସେଲ୍ ଅଧିକାରୀ ଲଳିତ ମୋହନ ଚୌଧୁରୀ, ଆପାତକାଳୀନ ବିଭାଗର ଗୋପୀନାଥ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ରାସ୍ତାକୁ ଓହ୍ଲାଇଲେ ବଡ଼ଝରାବାସୀ

- ଜମିକୁ ଅପହଞ୍ଚ ରେଙ୍ଗାଳି କେନାଲ ପାଣି
- ସ୍ଥାଣୁ ପାଲଟିଛି ବସୁଧା ପ୍ରକଳ୍ପ
- ଏନ୍‌ଏଚ୍ ସମ୍ପ୍ରସାରଣରେ କ୍ଷତିଗ୍ରସ୍ତ ହେଉଛି ଜମି

**ପରଜଙ୍ଗ, ୧୩।୬(ଡି.ଏନ୍.ଏ.)**

ଜମି ପାଖଦେଇ ଯାଇଛି କେନାଲ। ହେଲେ ବିଲକୁ ମାଡୁନି ପାଣି। ସ୍ଥାଣୁ ପାଲଟିଛି ବସୁଧା ପ୍ରକଳ୍ପ। ଏନ୍‌ଏଚ୍ ସମ୍ପ୍ରସାରଣରେ ବିଲବାଡ଼ି କ୍ଷତିଗ୍ରସ୍ତ ହୋଇଗଲାଣି। ବର୍ଷ ବର୍ଷ ଧରି ଏଭଳି ସମସ୍ୟା ଲାଗି ରହିଥିବାବେଳେ ଏହାର ପ୍ରତିବାଦରେ ରାସ୍ତାକୁ ଓହ୍ଲାଇଛନ୍ତି ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ବଡ଼ଝରା ଗ୍ରାମବାସୀ। ୪ ଦଫା ଦାବିରେ ସେମାନେ ସୋମବାର ୫୩ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ଫଳରେ ସକାଳ ୭ଟାରୁ ପୂର୍ବାହ୍ନ ୧୧ଟା ଯାଏ ଦୀର୍ଘ ୪ ଘଣ୍ଟା ଧରି ଯାନବାହନ ଚଳାଚଳ ପ୍ରଭାବିତ ହୋଇଥିଲା।

ଅଭିଯୋଗ ଅନୁଯାୟୀ, ୧୯୯୨ରୁ ଗ୍ରାମ ନିକଟ ଦେଇ ରେଙ୍ଗାଳି ବାମ ପାର୍ଶ୍ୱ ମୁଖ୍ୟ କେନାଲ ଖୋଳାଯାଇଛି। ତେବେ ନିର୍ମାଣରେ ତ୍ରୁଟି ଯୋଗୁ ୬୦୦ ଏକରରୁ ଊର୍ଦ୍ଧ୍ୱ ଜମିକୁ ପାଣି ମାଡୁନି। କେନାଲରୁ ଉଠା ଜଳସେଚନ ପଏଣ୍ଟ ମାଧ୍ୟମରେ ଜମିକୁ ପାଣି ଯୋଗାଇ ଦେବାକୁ ୨୦୧୩ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶିଳାନ୍ୟାସ କରିଥିଲେ। ଏ ବାବଦକୁ ୧ କୋଟି ୬୯ଲକ୍ଷ ଟଙ୍କା ବ୍ୟୟ ମଞ୍ଜୁର କରାଯାଇଥିଲା। ତେବେ କାର୍ଯ୍ୟ ନିମ୍ନମାନର ହୋଇଥିବାରୁ ଅର୍ଥ ପାଣିରେ ପଡ଼ିଛି। ଏ ବିଷୟରେ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବା ସତ୍ତ୍ୱେ ସୁଫଳ ମିଳୁନାହିଁ। ଫଳରେ ଚାଷୀ ପ୍ରତିବର୍ଷ ମରୁଡ଼ିର ଶିକାର ହେଉଛି। ଗ୍ରାମର ଦକ୍ଷିଣ ପାର୍ଶ୍ୱରେ ୪ ଲେନ୍ ବିଶିଷ୍ଟ ୫୩ନଂ.ଏନ୍‌ଏଚ୍ ସମ୍ପ୍ରସାରଣ କାର୍ଯ୍ୟ ଚାଲିଛି। ଏହାଦ୍ୱାରା ଚାଷୀ ଚାଷଜମି ହରାଉଛି। ହେଲେ ବିଭାଗୀୟ ଅଧିକାରୀମାନେ ଏହାକୁ ଚିହ୍ନଟ କରି କ୍ଷତିପୂରଣ ଦେଉନାହାନ୍ତି। ମୁକ୍ତାପଶି, ବାରିହାପୁର ଗ୍ରାମବାସୀଙ୍କ ସୁବିଧା ଦୃଷ୍ଟିରୁ ରାସ୍ତାର ଉଭୟ ପାର୍ଶ୍ୱରେ ସର୍ଭିସ ରୋଡ୍, ଡ୍ରେନ୍, ସୁରକ୍ଷା ବାଡ଼ ନିର୍ମାଣ କରାଯାଇଛି। ତେବେ ବଡ଼ଝରାବାସୀ ଏହି ସୁବିଧାରୁ ବଞ୍ଚିତ ହୋଇ ରହିଛନ୍ତି। ଫଳରେ ଲୋକଙ୍କ ଗମନାଗମନରେ ସମସ୍ୟା ଭୋଗିବାକୁ ପଡୁଛି। ୨୦୧୭ରୁ ଗ୍ରାମରେ ବସୁଧା ଯୋଜନା ମାଧ୍ୟମରେ ପିଇବା ପାଣି ବ୍ୟବସ୍ଥା କରାଯାଇଥିଲା। ତେବେ ତ୍ରୁଟିପୂର୍ଣ୍ଣ କାର୍ଯ୍ୟ ଯୋଗୁ ତଳମୁଣ୍ଡରେ ପାଣି ପହଞ୍ଚୁନାହିଁ। ଡ୍ରେନ୍ ମଧ୍ୟରେ ପାଇପ୍ ବିଛା ଯାଇଥିବାରୁ ରୋଗ ବ୍ୟାପିବା ଆଶଙ୍କା ଦେଖାଦେଇଛି। ପଞ୍ଚାୟତ ମୁଖ୍ୟରାସ୍ତାରେ ଥିବା ପଞ୍ଚାୟତ ମାର୍କେଟ କମ୍ପ୍ଲେକ୍ସ ଏବଂ ଢାବା ପାଇଁ ଟ୍ରାଫିକ୍ ଜାମ୍ ସମସ୍ୟା ସୃଷ୍ଟି ହେଉଛି। ଏସବୁ ସମସ୍ୟା ନେଇ ଗ୍ରାମବାସୀ ଗତ ୨୮ରେ କାମାକ୍ଷାନଗର ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ଅଭିଯୋଗ କରିଥିଲେ। ସପ୍ତାହକ ମଧ୍ୟରେ ସମାଧାନ ନ ହେଲେ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଥିଲେ। ସମୟ ସୀମା ମଧ୍ୟରେ ପ୍ରଶାସନ ସମସ୍ୟାର ସମାଧାନ କରିବାରେ ବିଫଳ ହେବାରୁ ସେମାନେ ଆନ୍ଦୋଳନକୁ ଓହ୍ଲାଇଥିବା କହିଛନ୍ତି।

ସୂଚନା ପାଇ କାମାକ୍ଷାନଗର ଉପଜିଲାପାଳ, ପୋଲିସ, ତହସିଲଦାର, ପାନୀୟ ଜଳ ଯୋଗାଣ ବିଭାଗ ଅଧିକାରୀ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ। ସମସ୍ୟାର ସମାଧାନ ଲାଗି ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ରାସ୍ତାରୋକୋ ହଟିଥିଲା।


ଗ୍ରାମବାସୀ, ଛୋଟଛୋଟ ପିଲାମାନେ ରାସ୍ତା ଅବରୋଧ କରିଛନ୍ତି।

